CMYK

• Vol.- 46, Issue No. 111
• Tuesday, 21 July 2026
• ମଙ୍ଗଳବାର, ୨୧ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ସଂସଦରେ ନିଟ୍, ରାମ ମନ୍ଦିର ଦାନ ଚୋରି ତାତି

ବିରୋଧୀଙ୍କ ହଙ୍ଗାମା

ନୂଆଦିଲ୍ଲୀ, ୨୦।୭:ସୋମବାର ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ପ୍ରଭାବିତ ହୋଇଥିଲା । ରାମ ମନ୍ଦିରରେ ଦାନ ଚୋରି, ନିଟ୍ ଏବଂ ଅନ୍ୟାନ୍ୟ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଯନ୍ତର ମନ୍ତରରେ ଛାତ୍ରଙ୍କ ବିରୋଧ ପ୍ରସଙ୍ଗ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀଙ୍କ କ୍ରମାଗତ ବିରୋଧ ଯୋଗୁଁ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା । ଶେଷରେ ଉଭୟ ଗୃହକୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ।ଏହି ସମୟରେ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ ରୁ ୩୭ କୁ ବୃଦ୍ଧି କରିବା ପାଇଁ ଲୋକସଭାରେ 'ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬' ଉପସ୍ଥାପନ କରାଯାଇଥିଲା । ସଂସଦ ପରିସର ବାହାରେ ମଧ୍ୟ ବିଭିନ୍ନ ସଙ୍ଗଠନଙ୍କ ବିକ୍ଷୋଭ ଯୋଗୁଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଏବଂ ସଂସଦ ଭବନକୁ ଯାଉଥିବା ରାସ୍ତାରେ ଆନ୍ଦୋଳନ ପ୍ରଭାବିତ ହୋଇଥିଲା । ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉଠାଇ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ସେମାନଙ୍କ ଦାବି ପାଇଁ ଯନ୍ତର ମନ୍ତରରେ ଏକତ୍ର ହୋଇଥିବା ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦମନ କରାଯାଉଛି ଏବଂ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଉଛି । ଏହି ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ପାଇଁ ସେ ଦାବି କରିଛନ୍ତି । କ୍ରମାଗତ ହଙ୍ଗାମା ଯୋଗୁଁ ଗୃହ ମାତ୍ର ୧୨ ମିନିଟ୍ ପାଇଁ କାର୍ଯ୍ୟ କରିପାରିଥିଲା । ଉଲ୍ଲେଖଯୋଗ୍ୟ, ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ । ଏହି ଅବଧିରେ ମୋଟ ୧୯ଟି ବୈଠକର ପ୍ରସ୍ତାବ ରହିଛି । ସୂଚନାଯୋଗ୍ୟ ଯେ ଲୋକସଭାର ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି କତାରର ପୂର୍ବତନ ଅମିର ଶେଖ ହମାଦ ବିନ ଖଲିଫା ଅଲ ଥାନିଙ୍କ ସମେତ ଛଅ ଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଥିଲେ ।

ଭାରତକୁ ମିଳିଲା ପ୍ରଥମ ଡେଙ୍ଗୁ ଟିକା

- ସଂକ୍ରମଣ ରୋକିବାରେ ହେବ ସହାୟକ
- ୪ରୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ନେଇପାରିବେ
- ୨ ଡୋଜ୍ ୩ ମାସ ବ୍ୟବଧାନରେ

ନୂଆଦିଲ୍ଲୀ୨୦।୭ : ଡେଙ୍ଗୁ ବିରୋଧୀ ଅଭିଯାନରେ ଭାରତକୁ ବଡ଼ ସଫଳତା ମିଳିଛି । ଫଳରେ ମିଳିଛି ପ୍ରଥମ ଡେଙ୍ଗୁ ଟିକା । ଜାପାନ ଟାକେଡା ଫାର୍ମା ପ୍ରସ୍ତୁତ ଟିକା 'କ୍ୟୁଡେଙ୍ଗା'କୁ ମଞ୍ଜୁରି ଦିଆଯାଇଛି । ୪୩ ଦେଶ ପରେ ଭାରତରେ କ୍ୟୁଡେଙ୍ଗା ଟିକାକୁ ମିଳିଲା ସବୁଜ ସଙ୍କେତ । ୪ରୁ ୬୦ ବର୍ଷ ବୟସର ବ୍ୟକ୍ତି ନେଇପାରିବେ ଟିକା ।ଏହି ଟିକା ଡେଙ୍ଗୁ ସଂକ୍ରମଣ ରୋକିବାରେ ସହାୟକ ହେବ । ଡ୍ରଗ୍ସ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଡିଜିସିଆଇ) ଏହି ଟିକାର ବଜାର ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି । ଏହାର ଦୁଇଟି ୦.୫ ମିଲିଲିଟର ଡୋଜ୍ ୩ ମାସ ବ୍ୟବଧାନରେ ଦିଆଯିବ । ପୂର୍ବରୁ ଡେଙ୍ଗୁ ଜ୍ୱର ହୋଇଥାଉ ବା ନଥାଉ, ଏହି ଟିକା ନିଆଯାଇପାରିବ । ଟିକା ନେବା ପୂର୍ବରୁ କୌଣସି ପ୍ରକାରର ସ୍କ୍ରିନିଂ କିମ୍ବା ଡେଙ୍ଗୁ ପରୀକ୍ଷାର ଆବଶ୍ୟକତା ନାହିଁ । ଏହା ଏକ 'ଟେଟ୍ରାଭାଲେଣ୍ଟ୍' ଟିକା, ଯାହା ଡେଙ୍ଗୁ ଭାଇରସର ଚାରୋଟିଯାକ ଷ୍ଟ୍ରେନ୍ ବା ସେରୋଟାଇପ୍ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ । ବିଶ୍ୱର ମୋଟ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ପ୍ରାୟ ଏକ-ତୃତୀୟାଂଶ ଭାରତରେ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶରେ ଡେଙ୍ଗୁ ମାମଲା ପ୍ରାୟ ୧୧ ଗୁଣ ବୃଦ୍ଧି ପାଇଛି । କ୍ୟୁଡେଙ୍ଗା ଚାରୋଟିଯାକ ଷ୍ଟ୍ରେନ୍ ବିରୋଧରେ କାମ କରୁଥିବାରୁ, ଏହା ଭାରତର ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସଫଳତା ସାବ୍ୟସ୍ତ ହେବ । ଭାରତରେ ଏହାର ଉପଲବ୍ଧତା ବଢ଼ାଇବା ପାଇଁ ଟାକେଡା କମ୍ପାନୀ ହାଇଦ୍ରାବାଦର ବାୟୋଲୋଜିକାଲ୍ ଇ. ଲିମିଟେଡ୍ ସହିତ ଚୁକ୍ତି କରିଛି, ଯାହା ଦ୍ୱାରା ଦେଶରେ ବାର୍ଷିକ ୫ କୋଟି ଡୋଜ୍ ଟିକା ଉତ୍ପାଦନ କରାଯିବ । ପ୍ରତିବର୍ଷ ମୌସୁମୀ ଆସିଲେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଏ । ବର୍ଷା ଋତୁରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରେ । ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଡାକ୍ତରଖାନାରେ ବୃଦ୍ଧି ପାଏ । ଅନେକ କ୍ଷେତ୍ରରେ ରୋଗୀଙ୍କ ଅବସ୍ଥା ବହୁତ ଗମ୍ଭୀର ହୋଇଥାଏ । ବର୍ଷ ପରେ ବର୍ଷ ଏହି ସମସ୍ୟା ବୃଦ୍ଧି ପାଉଥିବା ବେଳେ ଏହି ଟିକା ଆସିବା ଏକ ଆଶ୍ୱସ୍ତିକର ଖବର ।

ଗାଦିମଡ଼ାବାବୁଙ୍କୁ ଅର୍ଥ ବିଭାଗର ଚେତାବନୀ

ଭୁବନେଶ୍ୱର, ୨୦।୭: ବଦଳି ଆଦେଶ ମାନୁ ନ ଥିବା ଅଧିକାରୀଙ୍କ ପାଇଁ ଅର୍ଥ ବିଭାଗର କଡ଼ା ଆଭିମୁଖ୍ୟ ଦେଖାଇଛି । ସୋମବାର ସୁଦ୍ଧା ନୂଆ ସ୍ଥାନରେ ଯୋଗ ନ ଦେଲେ ଆସନ୍ତାକାଲିଠୁ ଦରମା ବନ୍ଦ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଅର୍ଥ ବିଭାଗର ତିନି ତିନି ଥର ନିର୍ଦ୍ଦେଶକୁ ଫୁ' ପରେ ଅର୍ଥ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ରିମାଇଣ୍ଡର ଓ ଚେତାବନୀ ବି ପ୍ରଭାବହୀନ ହୋଇଥିବାରୁ ପଦକ୍ଷେପ ନିଆଯାଇଥିବା ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ରଥଯାତ୍ରାର ୨ ମୃତକଙ୍କ ପାଇଁ
୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି

ଭୁବନେଶ୍ୱର, ୨୦।୭: ଚଳିତ ରଥଯାତ୍ରା ଦିନ ପୁରୀରେ ଅସୁସ୍ଥତା କାରଣରୁ ଦୁଇ ଜଣଙ୍କ ମୃତ୍ୟୁ ଘଟଣା ନେଇ ମୃତକଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟସ୍ୱଜନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ରାଶି ପ୍ରଦାନ କରାଯିବ ।ସୂଚନାଯୋଗ୍ୟଯେ ଚଳିତବର୍ଷ ରଥଯାତ୍ରା ଦିନ ପ୍ରବଳ ଭକ୍ତଙ୍କ ଭିଡ଼ ଭିତରେ ଅଣନିଶ୍ୱାସୀ ହୋଇଥିଲେ ଅନେକ ଶ୍ରଦ୍ଧାଳୁ । ଚିକିତ୍ସା ପାଇଁ ଅନେକ ଭକ୍ତ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏମାନଙ୍କ ମଧ୍ୟରେ ଥିବା କଟକର ଅନୀଲ ଦାସ ଏବଂ ମୁମ୍ବାଇର ଅଶୋକ ସୁବାକର ରାଇକରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ।

ତ୍ରିପୁରା ଡିଜିପିଙ୍କ ସନ୍ଦେହଜନକ ମୃତ୍ୟୁ, ତଦନ୍ତ ଆରମ୍ଭ

ଅଗରତଲା, ୨୦।୭: ତ୍ରିପୁରା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଧନଖଡଙ୍କ ସୋମବାର ସକାଳେ

ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି । ତାଙ୍କ ମୃତଦେହ ଅଗରତଲାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଥିବା ତାଙ୍କ କାର୍ଯ୍ୟାଳୟ ରୁମରୁ ଉଦ୍ଧାର କରାଯାଇଥିଲା । ପୋଲିସ ପ୍ରାରମ୍ଭିକ ଭାବରେ ଏହି ମାମଲାକୁ ଆତ୍ମହତ୍ୟା ଭାବରେ ତଦନ୍ତ କରୁଛି, ଯଦିଓ ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ କେବଳ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହେବ ।ପୋଲିସ ସୂଚନା ଅନୁଯାୟୀ, ସୋମବାର ସକାଳେ ନିୟମିତ ଯାଞ୍ଚ ସମୟରେ ଡ୍ୟୁଟିରେ ଥିବା ଅଧିକାରୀମାନେ ଡିଜିପି ଅନୁରାଗ ଧନଖଡଙ୍କୁ ତାଙ୍କ କାର୍ଯ୍ୟାଳୟ ରୁମରେ ଫାଶୀରେ ଝୁଲୁଥିବା ଦେଖିଥିଲେ । ବରିଷ୍ଠ ଅଧିକାରୀମାନଙ୍କୁ ତୁରନ୍ତ ସୂଚନା ଦିଆଯାଇଥିଲା, ଫଳରେ ପୋଲିସ ମୁଖ୍ୟାଳୟରେ ଆତଙ୍କ ଖେଳିଯାଇଥିଲା ।ସୂଚନା ପାଇବା ପରେ, ପ୍ରଶାସନିକ ମାଜିଷ୍ଟ୍ରେଟ, ଫୋରେନସିକ୍ ଦଳ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ।

ବଜ୍ରାଘାତରେ ୪ ଜୀବନ ଗଲା

ଭୁବନେଶ୍ୱର, ୨୦।୭: ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ବଜ୍ରାଘାତରେ ୪ ଜଣଙ୍କ ଜୀବନ ଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ରବୀନ୍ଦ୍ର ବେହେରା । ତାଙ୍କ ଘର ମୋରଡା ଥାନା ଅନ୍ତର୍ଗତ ପାରିଆକୁଲି ଗ୍ରାମ । ଗତ ଚାରି ମାସ ପୂର୍ବରୁ ସେ ବିବାହ କରିଥିଲେ । ମୋରଡା ଅଞ୍ଚଳରେ ଅପରାହ୍ନରେ ଝଡ଼ ହୋଇଥିଲା । ନିଜ ଚାଷ ଜମିରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା । ଘଟଣାସ୍ଥଳେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ଅକାଳ ମୃତ୍ୟୁ ବିଷୟରେ ଜାଣିବା ପରେ, ତାଙ୍କ ଶାଶୁ ହୃଦ୍‌ଘାତରେ ପୀଡିତ ହୋଇଥିଲେ ଏବଂ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ।ସେହିପରି ମୋରଡା ଘୋଳମୁହାଁ ଗାଁରେ ଜଣେ ମହିଳା ଧାନ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ଜୀବନ ଯାଇଛି । କେନ୍ଦୁଝର ଜିଲ୍ଲାର ହାଟଡିହି ଅଞ୍ଚଳରେ ଜଣେ ଯୁବକ ମିଥୁନଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି । ମୃତକ ନନ୍ଦିପଡ଼ା ପୋଲିସ ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମର । ସେହିପରି ନରସିଂହପୁର ନୂଆଗଡ଼ରେ ବଜ୍ରାଘାତରେ ଅନ୍ୟ ଜଣଙ୍କ ଜୀବନ ଯାଇଛି ।

ବନାନ ପ୍ରସଙ୍ଗ: ରାଜସ୍ୱ ବିଭାଗର ନିର୍ଦ୍ଦେଶ
୬ ମାସରେ କାର୍ଯ୍ୟକାରୀ କର ସଂଶୋଧିତ ନାମଫଳକ

ଭୁବନେଶ୍ୱର, ୨୦।୭(ନିପ୍ର): ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳମାନଙ୍କର ନାମର ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାର ୨୨ ଜୁନ୍ ୨୦୨୬ ତାରିଖରେ ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ୍ୟ ରଖି ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଇଂରାଜୀ ବନାନ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ସଂଶୋଧନ କେବଳ ଇଂରାଜୀ ବନାନ ସମ୍ବନ୍ଧୀୟ ଏବଂ ପ୍ରଶାସନିକ ଏକକ ଗୁଡ଼ିକର ନାମରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ଉଲ୍ଲିଖିତ ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ ଦସ୍ତାବିଜ, ପତ୍ରାଚାର, ଅଧିସୂଚନା, ଅଭିଲେଖ, ୱେବସାଇଟ୍, ପୋର୍ଟାଲ୍, ବିଜ୍ଞାପନ ତଥା ନାମଫଳକ ଓ ଅନ୍ୟାନ୍ୟ ସରକାରୀ ବ୍ୟବହାରରେ ଅନିବାର୍ଯ୍ୟ ଭାବେ ପ୍ରୟୋଗ କରାଯିବ । ଏଥିସହ ଜିଲ୍ଲାସ୍ତରର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏହି ସଂଶୋଧିତ ବନାନର ସମ୍ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ଏଥିସହିତ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବଳିତ କାର୍ଯ୍ୟନୁଷ୍ଠାନ ରିପୋର୍ଟ ଉପରୋକ୍ତ ଚିଠି ପାଇବାର ପନ୍ଦର ଦିନ ମଧ୍ୟରେ ବିଭାଗକୁ ପ୍ରେରଣ କରିବାକୁ କୁହାଯାଇଛି । ସେହିପରି ସମ୍ପୃକ୍ତ ପ୍ରଶାସନିକ ଏକକ ଗୁଡ଼ିକରେ ବ୍ୟବସାୟିକ ଓ ବେସରକାରୀ ସଂସ୍ଥାମାନଙ୍କୁ ସଂଶୋଧିତ ଇଂରାଜୀ ବନାନ ଅନୁଯାୟୀ ନିଜର ନାମଫଳକ ପରିବର୍ତ୍ତନ କରିବାକୁ ଛଅ ମାସର ସମୟ ପ୍ରଦାନ କରାଯାଇଛି । ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ, ସଂଶୋଧିତ ଇଂରାଜୀ ବନାନର ସମ୍ପୂର୍ଣ୍ଣ ବ୍ୟବହାର ଦ୍ୱାରା ରାଜ୍ୟର ଭାଷାଗତ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ସହିତ ସମସ୍ତ ସରକାରୀ ଅଭିଲେଖ ଓ ପ୍ରଶାସନିକ କାର୍ଯ୍ୟରେ ସମାନତା ଓ ସଠିକତା ବଜାୟ ରହିବ ।

ଡିଏପି ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୭: ରାଜ୍ୟରେ ସାର ସଂକଟ ଦୂର କରିବା ପାଇଁ ରାଜ୍ୟ ସରକାର ସୋମବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଚିବ ଡିଏପି ଏବଂ ୟୁରିଆ ସାରର ବିକଳ୍ପକୁ ପ୍ରୋତ୍ସାହନ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ଡିଏପି ଏବଂ ୟୁରିଆ ସାରର ବିକଳ୍ପ ଭାବେ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଏବଂ ଆମୋନିୟମ ସଲଫେଟ୍‌କୁ ପ୍ରୋତ୍ସାହନ କରିବାକୁ କୁହାଯାଇଛି । କେନ୍ଦ୍ର ସରକାର ବିପୁଳ ପରିମାଣରେ ଆମୋନିୟମ ସଲଫେଟ ଯୋଗାଇଦେବେ । ଏହା ମୃତ୍ତିକାରେ ସଲଫର ଅଭାବ ଦୂର କରିବାରେ ସହାୟକ ହୋଇପାରିବ । ଡିଏପି ସାର ଯୋଗାଣ ପ୍ରଭାବିତ ହୋଇଥିବାରୁ କମ୍ପ୍ଲେକ୍ସ ଫର୍ଟିଲାଇଜରକୁ ସରକାର ଗୁରୁତ୍ୱ ଦେଇଛନ୍ତି । ଏପରିକି ପ୍ରତ୍ୟେକ ଜିଲାର ମାର୍କଫେଡ୍‌କୁ 'ଇଣ୍ଡେଣ୍ଟ' ଦାଖଲ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି ।

ବଦଳିଲା ଅଣଶିକ୍ଷକ ନିଯୁକ୍ତି ନିୟମ

ଭୁବନେଶ୍ୱର, ୨୦।୭: ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରି, ସୋମବାର ରାଜ୍ୟ ସରକାର ସରକାରୀ କଲେଜ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷଙ୍କ ଅଣ-ଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷମତା ପ୍ରତ୍ୟାହାର କରିଛନ୍ତି ।ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନେ ଏବେ ସେମାନଙ୍କ କ୍ଷେତ୍ରାଧିକାର ଅଧୀନରେ ଥିବା ସରକାରୀ କଲେଜ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଅଣ-ଶିକ୍ଷକ (ନନ-କ୍ୟାଡର) ଗ୍ରୁପ୍ ବି, ଗ୍ରୁପ୍ ସି ଏବଂ ଗ୍ରୁପ୍ ଡି ପଦବୀ ପାଇଁ ନିଯୁକ୍ତି କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରିବେ । ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ନିଯୁକ୍ତି କ୍ଷମତା ସମ୍ପୃକ୍ତ ପ୍ରତିଷ୍ଠାନର ଅଧ୍ୟକ୍ଷଙ୍କ ପାଖରେ ନ୍ୟସ୍ତ ଥିଲା । ସଦ୍ୟତମ ଆଦେଶ ଆନୁଷ୍ଠାନିକ ଭାବରେ ସେହି କ୍ଷମତା ପ୍ରତ୍ୟାହୃତ ହୋଇଛି ।

ସଂସଦ ଅଭିମୁଖେ ଯାଉଥିଲେ
ସିଜେପି ପ୍ରଦର୍ଶନକାରୀଙ୍କୁ ଅଟକାଇଲା ପୋଲିସ

■ ବିକ୍ଷୋଭ ପ୍ରଦର୍ଶନ ପଛରେ ପାକିସ୍ତାନ ସଂପୃକ୍ତି !

ନୂଆଦିଲ୍ଲୀ, ୨୦।୭: ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ସଂସଦ ମାର୍ଚ୍ଚ ପାଇଁ ଦିଲ୍ଲୀର ଯନ୍ତରମନ୍ତରରେ ଏକାଠି ହୋଇଥିବା ପୋଲିସ ଏବଂ କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରଦର୍ଶନକାରୀଙ୍କ ମଧ୍ୟରେ ସୋମବାର ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ପୋଲିସ ପ୍ରଦର୍ଶନକାରୀଙ୍କୁ ଆଗକୁ ବଢ଼ିବାରୁ ରୋକିବା ପାଇଁ ହାଲୁକା ବଳ ପ୍ରୟୋଗ କରିଥିଲା । ଠେଲାପେଲା ହୋଇଥିଲା ଏବଂ ଅନେକ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯାଇଥିଲା । ପରେ ସିଜେପି ମୁଖ୍ୟ ଅଭିଜିତ୍ ଦୀପକେ ପାଣି ପିଇ ତାଙ୍କର ଅନଶନ ସମାପ୍ତ କରିଥିଲେ । ପ୍ରଦର୍ଶନକାରୀମାନେ ଯନ୍ତର ମନ୍ତରରୁ ସଂସଦ ଭବନ ଅଭିମୁଖେ ଶୋଭାଯାତ୍ରା କରିବାକୁ ଚାହୁଁଥିଲେ । ପୋଲିସ ଦାବି କରିଛି ଯେ ମାର୍ଚ୍ଚ ପାଇଁ ଅନୁମତି ମିଳିନଥିଲା, ତେଣୁ ସେମାନଙ୍କୁ ଆଗକୁ ବଢ଼ିବାକୁ ଦିଆଯାଇ ନଥିଲା । ଦିଲ୍ଲୀ ପୋଲିସ ଏବଂ ରାପିଡ୍ ଆକ୍ସନ୍ ଫୋର୍ସ ପୂର୍ବରୁ ଘଟଣାସ୍ଥଳରେ ମୁତୟନ କରାଯାଇଥିଲା । ପୋଲିସ ପ୍ରଦର୍ଶନକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା, କିନ୍ତୁ ଭିଡ ଭାଙ୍ଗି ନଥିଲା । ପରବର୍ତ୍ତୀ ସମୟରେ, ପୋଲିସ ସେମାନଙ୍କୁ ପଛକୁ ଠେଲି ଦେବା ପାଇଁ ହାଲୁକା ବଳ ପ୍ରୟୋଗ କରିଥିଲା ।ଅନେକ ପ୍ରଦର୍ଶନକାରୀ ବ୍ୟାରିକେଡ୍ ପାର ହୋଇ ସଂସଦ ଷ୍ଟ୍ରିଟ୍ ଆଡକୁ ଯିବା ଆରମ୍ଭ କରିଥିଲେ । କେତେକ ମଣ୍ଡି ହାଉସ୍ ଏବଂ ରାଜୀବ ଚୌକ୍ ମେଟ୍ରୋ ଷ୍ଟେସନରେ ପହଂଚିଥିଲ

ଦେବଦାସୀଙ୍କ ତ୍ୟାଗପୂତ ଜୀବନ ଓ ଏହାର ବିଲୋପ

ପ୍ରଥମେ ଆମମାନଙ୍କର ଜାଣିବା ଦରକାର ଯେ ଦେବଦାସୀ ପ୍ରଥା କ'ଣ ଓ ଏହା କିପରି ପ୍ରଚଳିତ ହୋଇଥଲା । ଦେବାଦେବୀଙ୍କ ମନ୍ଦିରର ନୃତ୍ୟାଙ୍ଗନାମାନଙ୍କୁ ଦେବଦାସୀ କୁହାଯାଉଥିଲା ରାଜସଭାରେ ରାଜ ନର୍ତ୍ତକୀମାନଙ୍କ ଅନୁସରଣରେ ଦେଶର ବିଭିନ୍ନ ମନ୍ଦିରରେ ପ୍ରଚଳନ ହୋଇଥିଲା । ଦେବତାମାନଙ୍କ ପ୍ରତି ଏମାନଙ୍କ ନୃତ୍ୟ ଓ ଜୀବନ ଶୈଳୀ ଏକ ଉତ୍ସର୍ଗୀକୃତ ଜୀବନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦିଓ ଏହା ଏକ ପୁରାତନ ପ୍ରଥା ଓ ଶୁଦ୍ଧପୂତ ଜୀବନ ଶୈଳୀ ଆମ ଦେଶରେ ଥିଲା କିନ୍ତୁ ବିଶ୍ୱର ଅନେକ ଦେଶରେ ମଧ୍ୟ ଏହା ପ୍ରଚଳିତ ଥିଲା। ଯେମିତିକି ଗ୍ରୀସ୍‌ର ଭେନସ୍ ଦେବୀଙ୍କ ମନ୍ଦିର, ମିଶରରେ ଓରିସାସ ଓ ଆଇରିସଙ୍କ ମନ୍ଦିରରେ ଏହା ପ୍ରଚଳିତ ଥିଲା। ସୌରାଷ୍ଟ୍ରର ପ୍ରଖ୍ୟାତ ସୋମନାଥ ମନ୍ଦିରରେ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ମହାଦେବଙ୍କ ସମ୍ମୁଖରେ ଦେବଦାସୀ ମାନେ ତାଣ୍ଡବ ନୃତ୍ୟ କରୁଥିଲେ । ଦାକ୍ଷିଣାତ୍ୟର ଚୋଳ,ଚାଲୁକ୍ୟ ,ରାଷ୍ଟ୍ରକୁଟ ଓ ପଲ୍ଲବ ବଂଶୀୟ ରାଜାମାନେ ଶିବ ଓ ବିଷ୍ଣୁ ମନ୍ଦିରରେ ନୃତ୍ୟାଙ୍ଗନା ନିଯୁକ୍ତି ଦେଇଥିବାର ପ୍ରମାଣ ରହିଛି । ଓଡ଼ିଶାରେ ଅଷ୍ଟମ ଶତାବ୍ଦୀରେ କେଶରୀ ବଂଶ ର ରାଜା ଉଦ୍ୟତ କେଶରୀଙ୍କ ମାତା କଳାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱରର ବ୍ରହ୍ମେଶ୍ୱର ଶିବ ମନ୍ଦିରର ଶିଳାଲେଖରୁ ଜଣାପଡ଼େ ଯେ ଶିବ ଙ୍କ ଆଗରେ ଦେବଦାସୀମାନେ ନୃତ୍ୟ କରୁଥିଲେ। ତତ୍ ପୂର୍ବରୁ ଭାରତୀୟ ସମାଜ ରେ ନଗର ଓ ଜନପଦରେ ନଗର ବଧୂଙ୍କ ନୃତ୍ୟର ଅନେକ ଆଦର ଥିଲା । ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ସାଧକମାନଙ୍କ ଦ୍ୱାରା ବାମାଚାରୀ ତାନ୍ତ୍ରିକମାନେ ସର୍ବ ପ୍ରଥମେ ନାରୀମାନଙ୍କ ଦ୍ୱାରା ଅଭିଚାରିକା କାର୍ଯ୍ୟ ସମ୍ପାଦନ କରାଉଥିଲେ । ବାଚସ୍ପତ୍ୟମ ଗ୍ରନ୍ଥରେ ଲେଖା ଅଛି ଯେ ଯେଉଁ ଅଙ୍ଗନାମାନେ ନିଜର ବାସନା ଓ ଇନ୍ଦ୍ରିୟ ଦମନ କରି ନିଜକୁ ଦେବତାମାନଙ୍କୁ ସମର୍ପିତ ହୋଇ ଥାଆନ୍ତି ସେମାନେ ହିଁ ଦେବଦାସୀ । ଭୁବନେଶ୍ୱର ମେଘେଶ୍ୱର ମନ୍ଦିର ,ନିଆଳିର ଶୋଭନେଶ୍ୱର୍ ,ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ,ପୁରୀର ଜଗନ୍ନାଥ ମନ୍ଦିରରେ ଏହି ମାହାରୀ ବା ଦେବଦାସୀ ନୃତ୍ୟ ପ୍ରଚଳିତ ଥିବାର ଅନେକ ବଳିଷ୍ଠ ପ୍ରମାଣ ରହିଛି। ଚନ୍ଦ୍ରଦତ୍ତଙ୍କ ଭକ୍ତିମାଳ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ ' ଦେବ ଦେବ ଜଗନ୍ନାଥ ଦେବଶର୍ମା ଦ୍ରବିବ, ବଚଃ ଦେବ ଦେବ ଜଗନ୍ନାଥ ପ୍ରସାଦ ଫଳିତୋ ମାମ ,ପ୍ରଥମ ତନୟା ଜାତା ପୁତ୍ରସୁ ତଦରନ୍ତମ୍ ,ଅତି ପ୍ରତିଶୃତ୍ୱଂ କନ୍ୟା କଦାପି ପ୍ରତି ଗୃହତମ୍ ।' ଏଥିରୁ ଜଣାପଡ଼େ ଯେ ଦାକ୍ଷିଣାତ୍ୟରେ ଦେବଶର୍ମା ନାମକ ଜଣେ ବ୍ରାହ୍ମଣ ପୁତ୍ର ସନ୍ତାନ ଆଶାକରି ନିଜର ପ୍ରଥମ କନ୍ୟା ପଦ୍ମାବତୀଙ୍କୁ ଜଗନ୍ନାଥଙ୍କ ଦେବଦାସୀ ଭାବେ ସମର୍ପଣ କରିଥିଲେ। ଓଡ଼ିଶାକୁ ଗଙ୍ଗ ବଂଶର ରାଜାମାନେ ଅଧିକାର କରିବାବେଳେ ଏକାଦଶ ଶତାବ୍ଦୀରେ ଦେବଦାସୀ ପ୍ରଥା ପୁରୀ ମନ୍ଦିରରେ ପ୍ରଚଳନ କରିଥିଲେ । ଦିଅଁମାନଙ୍କ ବଡ ସିଂହାର ବେଶ ସମୟରେ ଏହି ଦେବଦାସୀ ମାନେ ମନ୍ଦିରରେ ଶ୍ରୀ ଜୟଦେବ ଙ୍କ ଗୀତ ଗୋବିନ୍ଦ ଗୀତ ଓ ନାଚର ପ୍ରଧାନ ସମ୍ପଦ ଥିଲା । ଦେବଦାସୀ ହେବା ପାଇଁ କିଛି ନିର୍ଦ୍ଦିଷ୍ଟ ନୀତି ନିୟମକୁ ଅନୁସରଣ କରିବାକୁ ପଡୁଥିଲା ଓ ସେମାନେ ଆଜୀବନ ଅବିବାହିତ ରହୁଥିଲେ । ମାଦଳା ପାଞ୍ଜିକୁ ଛାଡିଦେଲେ ଦେବଦାସୀ ପ୍ରଥା ପ୍ରଚଳନର ପ୍ରଥମ ଲିଖିତ ପ୍ରମାଣ କେବଳ ଦିଲ୍ଲୀର ସୁଲତାନ୍ ଫିରୋଜ ଶାହା ତୋଗଲକଙ୍କ ୧୩୬୧ ମସିହାର ଓଡ଼ିଶା ଆକ୍ରମଣ ବିବରଣୀରୁ ଜଣାପଡ଼େ । ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାରରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଶିଳାଲେଖରେ ରହିଛି ।୧୪୯୯ ଖ୍ରୀଷ୍ଟାବ୍ଦରେ ଏହା ଆଦେଶ ପ୍ରଦାନ ପୂର୍ବକ କରାଯାଇଥିଲା ଚତୁର୍ଦ୍ଧା ମୂର୍ତ୍ତିଙ୍କ ବଡ ସିଂହାର ବେଶ ରେ ଶ୍ରୀମନ୍ଦିରରେ ଜୟଦେବ ରଚିତ ଗୀତ ଗୋବିନ୍ଦରେ ଦେବଦାସୀମାନେ ନୃତ୍ୟ ପରିବେଷଣ କରୁଥିଲେ । ଦେବଦାସୀମାନେ ଅନେକ କିଛି ନିୟମ ନିଷ୍ଠା ର ସହିତ ତ୍ୟାଗପୂତ ଜୀବନ ଯାପନ କରୁଥିଲେ । ନାଚ , ଗୀତ ଜଣା ଥିଲେ ହିଁ ଏହି ଦେବଦାସୀ ହେବାପାଇଁ ସୁଯୋଗ ମିଳେ । ଯଦି ଦେବଦାସୀମାନଙ୍କ କୌଣସି ଅସୁବିଧା ହୁଏ ତେବେ ସମ୍ପ୍ରଦା ନିଯୋଗ ଏହି କାର୍ଯ୍ୟ ତୁଲାଇଥିଲେ । ଶ୍ରୀମନ୍ଦିର ର ୧୧୯ ଟି ସେବା ମଧ୍ୟରୁ ଏହି ଗୋଟିଏ ସେବାକୁ ମହିଳାମାନେ ସମ୍ପାଦିତ କରୁଥିଲେ । ସମୟ କ୍ରମେ ଗୋଟି ପୁଅମାନେ ମଧ୍ୟ ଏହି ନୃତ୍ୟକୁ ବଞ୍ଚାଇ ରଖିଥିଲେ । ତ୍ୟାଗପୂତ ଜୀବନ, ସେବା ମନୋବୃତ୍ତି , ଉତ୍ସର୍ଗୀକୃତ ଜୀବନ ହିଁ ସେମାନଙ୍କୁ ସମାଜରେ ତାଙ୍କ କାର୍ଯ୍ୟ ପାଇଁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ । ବାହାର ଗାଉଣୀ, ଭିତର ଗାଉଣୀ ନାଟୁଣୀ , ପଟୁଆର , ରାଜ ଅଙ୍ଗିଲ ଓ ରୁଦ୍ର ଗଣିକା ଭଳି ୬ ପ୍ରକାରର ମାହାରୀ ସେବା ବା ଦେବଦାସୀ ସେବା ହେଉଥିଲା ।୧୯୫୬ ଓଡ଼ିଶା ଗେଜେଟ ମୁତାବକ ସେତେବେଳେ ୯ ଜଣ ଦେବଦାସୀ ପ୍ରଭୁଙ୍କ ସେବା କରୁଥିଲେ । ବାସେଳୀ ସାହିର ଚନ୍ଦ୍ରମଣି , କୋକିଳ ପ୍ରଭା , ତାରାମଣି , ବସନ୍ତ, ପରଶ ମଣି, ବିନୋଦିନୀ , ଶ୍ରୀମତୀ, ସୁଭାଷିନୀ, ଓ ମାର୍କଣ୍ଡେଶ୍ୱର ସାହିର ଇନ୍ଦୁମତୀ ଦେବଦାସୀ ମୁଖ୍ୟ ଦେବଦାସୀ ଭାବରେ ଗଣା ଯାଉଥିଲେ ।୨୦୨୧ ରେ ଶେଷ ଦେବଦାସୀ ପରଶମଣି ଇହଧାମରୁ ବିଦାୟ ନେଲେ। ସେମାନେ ଜୀବିତ ଥିବା ବେଳେ ଏହି ମହାନ୍ ସେବାକୁ ବଞ୍ଚାଇ ରଖିବାକୁ ସେମାନେ ମନ୍ଦିର ପ୍ରଶାସନକୁ ଅନେକ ଅନୁରୋଧ କରିଥିଲେ ମଧ୍ୟ ବ୍ୟର୍ଥ ହୋଇଥିଲା । ଫଳରେ ଏହି ପ୍ରଥା ଓ ପରମ୍ପରା ପୂରା ମାତ୍ରାରେ ଦେଶରୁ ଲୋପ ପାଇଗଲା । ଦେବଦାସୀମାନେ ଯେହେତୁ ବିବାହ କରୁ ନ ଥିଲେ ତେଣୁ ତାଙ୍କର ବଂଶ ବିସ୍ତାର ସମ୍ଭବ ନ ଥିଲା ଓ ସେମାନଙ୍କ ବୃଦ୍ଧା ଅବସ୍ଥାରେ ତାଙ୍କର ସେବା ଯତ୍ନ ନେବାକୁ କେହି ଆଗେଇ ଆସିଲେ ନାହିଁ ଓ ପ୍ରଶାସନିକ ସ୍ତରରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ୧୯୯୩ ରେ ଏହି ପରମ୍ପରାକୁ ପୁନଃ ପ୍ରଚଳନ କରିବା ପାଇଁ ପ୍ରଶାସନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇ ସାକ୍ଷାତକାର ମାଧ୍ୟମରେ ମହିଳା ନୃତ୍ୟ ନିପୁଣ ଶିଳ୍ପୀମାନଙ୍କୁ ଡକା ଯାଇ ପରୀକ୍ଷା ନିଆ ଯାଇଥିଲା । କିନ୍ତୁ ପ୍ରଥମରୁ ହିଁ ଅନେକ ପ୍ରକାର ବିବାଦର ସୂତ୍ରପାତର ସୃଷ୍ଟି ହେବାରୁ ପ୍ରାୟ ୮୦୦ ବର୍ଷର ଏହି ଅତି ସୁନ୍ଦର ମହାନ୍ ପ୍ରଭୁ ଜଗନ୍ନାଥଙ୍କ ସେବା ନୀତି ସବୁଦିନ ପାଇଁ ବନ୍ଦ ହୋଇଗଲା ।

- ପ୍ରଦୀପ୍ତ କୁମାର କର, ମୋ:୯୪୩୭୦୮୪୩୧୨

'ହୋ ଭକତେ... ରଥଯାଏ ଗଡ଼ିଗଡ଼ି...'

ଡାହୁକ ସେବା ରଥଯାତ୍ରାର ଏକ ମୁଖ୍ୟ ପାରମ୍ପରିକ ସେବା । ରଥଯାତ୍ରା ସମୟରେ ରଥ ଉପରେ ଥିବା ଏହି ଡାହୁକମାନଙ୍କୁ ରଥର ସାରଥୀ ବୋଲି ମଧ୍ୟ କୁହାଯାଏ । କାରଣ ଗାଡ଼ିର ଚାଳକ ନଥିଲେ ଯେପରି ଗାଡ଼ି ଆଗକୁ ଗଡେ ନାହିଁ, ସେହିପରି ରଥରେ ଡାହୁକ ନଥିଲେ ମଧ୍ୟ ରଥ ଆଗକୁ ଗଡେ ନାହିଁ। ଡାହୁକମାନେ ନିଜ ମୁଖରେ ଯେଉଁ ଗୀତ କହନ୍ତି ତାକୁ ଲୋକମୁଖରେ 'ଡାହୁକଗୀତ' ବୋଲି କୁହାଯାଏ । ମୁଖତଃ ଡାହୁକମାନେ ଗାଉଥିବା ଏହି ଗୀତର ପଦ ଲୋକଙ୍କ ମନକୁ ଆନନ୍ଦିତ କଲାଭଳି ରସପୂର୍ଣ୍ଣ ଢଗଢମାଳି ଭଳି ହୋଇଥାଏ । ଏହା ବିଶେଷକରି ରଥଟଣା ସମୟରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରି ସେମାନଙ୍କ ଶରୀର ଓ ମନରେ ଅଫୁରନ୍ତି ଉତ୍ସାହ ଓ ଶକ୍ତି ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥାଏ ।

ଯେମିତି... 'ହୋ ଭକତେ... ରଥଯାଏ ଗଡିଗଡ଼ି, ଅଟକିବ ରଥ ଶରଧାବାଲିରେ, ମହାପ୍ରଭୁ ଯିବେ ଗୁଣ୍ଡିଚାବାଡି, ଗହଳି ଲାଗିବ ଆଡପ ମଣ୍ଡପେ, ଲୋକେ ହେବେ ଭିଡାଭିଡି'

ଡାହୁକ ଗୀତର ଆରମ୍ଭରେ ସମବେତ ଭକ୍ତଙ୍କୁ ଏକମନ, ଏକନିଷ୍ଠ ତଥା ଦୃଷ୍ଟି ଆକର୍ଷଣ କରିବାକୁ 'ହୋ ଭକତେ... ହୋ...' ବୋଲି ଡାକ ଦିଆଯାଏ । ଏହାପରେ ଡାହୁକ ବୋଲି ସହ ରଥ କେଉଁ ଦିଗକୁ ଯିବ, କେତେବେଳେ ଟାଣିବ, କେଉଁଠି ଅଟକିବ ସେନେଇ ଡାହୁକମାନେ ହାତରେ ଥିବା ବେତ ହଲାଇ ଇସାରା ଦେଇ ଭକ୍ତଙ୍କୁ ଉତ୍ସାହିତ କରିଥାନ୍ତି। ଆଗରୁ ପୁରୀ ବଡ଼ଦାଣ୍ଡ ହେଉ କିମ୍ବା ଅନ୍ୟାନ୍ୟ ଅଞ୍ଚଳର ରଥ ପଥ, ବର୍ତ୍ତମାନ ଭଳି ପକ୍କା କିମ୍ବା କଂକ୍ରିଟ ଯୁକ୍ତ ନଥିଲା । ଅନେକ ସ୍ଥଳରେ ଦାଣ୍ଡ କଞ୍ଚା ଓ ଧୂଳି ମାଟି, ପଥର ଭରା ଥିଲା । ଆଷାଢ଼ରେ ରଥଯାତ୍ରା ପଡୁଥିବାରୁ ଏହି ଦାଣ୍ଡ ସବୁ ପାଣିକଦୁଅରେ ଭାସିବା ସ୍ୱଭାବିକ । ଏପରି ପ୍ରତିକୂଳ ରାସ୍ତାରେ ଏତେ ବଡ଼ ବଡ଼ ରଥକୁ ଟାଣି ଟାଣି ନେବା ନିଶ୍ଚିତ ଭକ୍ତଙ୍କ ପାଇଁ କଷ୍ଟକର ହେଉଥିଲା । ସେମାନଙ୍କୁ ଉତ୍ସାହିତ କରି ଉଭୟ ଦେହ ଓ ମନରେ ଉଲ୍ଲାସ ଭରିଦେବାକୁ ଡାହୁକ ଗୀତ ଏକ ମହୌଷଧି ଭଳି କାର୍ଯ୍ୟ କରୁଥିଲା । ଆମେ ଦେଖୁ ଓଡିଶାର ଦୈନନ୍ଦିନ ଅନେକ କାର୍ଯ୍ୟରେ ସାଧାରଣରେ କିଛି ଡାହୁକ ଗୀତ ଭଳି ଅନେକ ଉତ୍ସାହ ବାଣୀ ଗୀତ ବୋଲାଯାଏ । ବିଶେଷକରି ଚାଷ କାର୍ଯ୍ୟ ସମୟରେ ସାମୂହିକ ଭାବରେ ବିଳରେ ଲଙ୍ଗଳ ଧରା, ରୁଆ କାର୍ଯ୍ୟ, ଘାସ ବଛା, ଧାନ କଟା ସମୟରେ ଏଭଳି ଗୀତ ସବୁ ବୋଲା ଯାଏ, ଯାହା ଚାଷ କାର୍ଯ୍ୟର କଷ୍ଟକୁ ଲାଘବ କରିବା ସହ କାମକୁ ସହଜ କରେ । ଆଗରୁ ଧାନକୁ ଖଳାରେ ପୁଡା ବାନ୍ଧି ଘରକୁ ଅଣାଯାଉଥିଲା ।ସେସବୁ ଧାନ ପୁଡାକୁ ଘରେ ଆଗରୁ ପ୍ରସ୍ତୁତ ଥିବା କାଠ ପଟାରେ ତିଆରି ଏକ ମଞ୍ଚ ଉପରେ ଥୋଇବାକୁ ପଡୁଥିଲା । ଏତେ ବଡ଼ ଧାନ ପୁଡାକୁ ମଞ୍ଚ ଉପରକୁ ଉଠାଇବା ବେଳେ ପାଞ୍ଚ ସାତ ଜଣଙ୍କୁ ବେଶ୍ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଏହି କଷ୍ଟ ଲାଘବ ପାଇଁ ସେତେବେଳେ ଢଗଢମାଳି ଭଳି କିଛି ପଦ ବୋଲାଯାଉଥିଲା ଯାହା ଦ୍ୱାରା ଯେତେ କଷ୍ଟକର ହେଲେ ମଧ୍ୟ ସେସବୁ କାମ ସହଜରେ ହୋଇଯାଉଥିଲା । ଏବେ ବି ଅନେକ କ୍ଷେତ୍ରରେ ଶ୍ରମିକମାନେ ଅଧିକ ଓଜନ କାମ କଲାବେଳେ ଏଭଳି ଆକର୍ଷଣୀୟ ପଦ ସବୁ ବୋଲି ନିଜ ମଧ୍ୟରେ ଉତ୍ସାହ ସୃଷ୍ଟି କରୁଥିବା ଦେଖିବାକୁ ମିଳେ ।

ଏବେ ଆମେ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ଡାହୁକ ପ୍ରସଙ୍ଗକୁ ଫେରିବା । ପୂର୍ବରୁ ଡାହୁକଗୀତ ଦ୍ୱିଅର୍ଥବୋଧକ, ଶୃଙ୍ଗାର, ରସାତ୍ମକ ଓ ଅଶ୍ଳୀଳ ଥିଲା ବୋଲି ଅନେକ ସମୟରେ ଅଭିଯୋଗ ହୋଇଆସୁଥିଲା । ବାସ୍ତବରେ ପାରମ୍ପରିକ ଡାହୁକ ଗୀତରେ ସାଧାରଣତଃ ବ୍ରହ୍ମଚର୍ଯ୍ୟ ସାଧନା, ଷଡ଼ଚକ୍ର ଭେଦ, ଯୋଗ ସାଧନା, ଆଧ୍ୟାତ୍ମିକ ଚେତନା, ଭକ୍ତିଭାବ ବହୁଳ ଭାବରେ ପ୍ରକଟିତ ହେଉଥିଲା । ଏସବୁ ପଦାବଳି ଯଦିଓ କିଛିକାଂଶରେ ଦ୍ୱିଅର୍ଥବୋଧକ ଥିଲେ ହେଁ ଏଥିରେ ଥିବା ଅନେକ ଉପମା, ଶ୍ଳୋକାତ୍ମକ ଶବ୍ଦ ପ୍ରୟୋଗ ଏହାକୁ ଆକର୍ଷଣୀୟ ଓ ମାଧୁର୍ଯ୍ୟପୂର୍ଣ୍ଣ କରୁଥିଲା। ଯେପରି...

'ହୋ ଭକତେ... ହୋ.... ରଥ କହେ ହୁଁ, ଚକ କହେ ହୁଁ.... ଯାହା ମଥାରେ ସିନ୍ଦୂର ଟୋପା, ତାର ସ୍ୱାମୀ ମୁଁ '

'ରସିକନାଗର ମୋହିନୀରଙ୍କା, ବାଙ୍କ ଚାହାଣି ତା ଚୂଳ ବଙ୍କା, ପୀରତି କରିବ ଦେଖିଲେ ଏକା, ହୋ ଭକତେ.... ଓ'

ସମୟର ପରିବର୍ତ୍ତନ ସହ ୧୯୯୭ ମସିହାରୁ ପାରମ୍ପରିକ ଡାହୁକ ଗୀତକୁ ଅଶୋଭନୀୟ କହି ବୋଲା ନଯିବା ପାଇଁ ପ୍ରଶାସନ ତରଫରୁ ନିଷେଧାଜ୍ଞା ଜାରି କରାଯାଇଥିଲା । ଅବଶ୍ୟ ପୁରୀ ବଡ଼ଦାଣ୍ଡ ଠାରୁ ଆରମ୍ଭକରି ଗାଁଗଣ୍ଡା ସବୁଠି ରାସ୍ତାଘାଟ ଚକଚକିଆ ହୋଇଗଲା ପରେ ଡାହୁକ ଗୀତ ମାଧ୍ୟମରେ ରଥ ଟାଣୁଥିବା ଶ୍ରଦ୍ଧାଳୁଙ୍କ ଭିତରେ ଶିହରଣ ସୃଷ୍ଟି କରିବାର ବିଶେଷ ଆବଶ୍ୟକତା ମଧ୍ୟ ରହୁନାହିଁ। ଟିକେ ଜୋର ଦେଲେ ରଥ ଗଡି ଯାଉଛି । ତଥାପି ପୂର୍ବ ପରମ୍ପରା ଅନୁଯାୟୀ ଡାହୁକ ସେବା ୧୯୯୭ ମସିହା ପରେ ମଧ୍ୟ ଜାରି ରହିଥିବା ବେଳେ ଏବେକାର ଡାହୁକ ଗୀତ କେବଳ ଆଧ୍ୟାତ୍ମିକ, ରୁଚିପୂର୍ଣ୍ଣ ଓ ଭକ୍ତିଭାବସମ୍ପନ୍ନ ହେଉଛି । ଯେପରି...

'ବଡ଼ ଦାଣ୍ଡେ ଚାଲଇ ରଥ, ଆଗରେ ବଳିଆ ପଛରେ କାଳିଆ ମଝିରେ ଅଛନ୍ତି ସୁଭଦ୍ରା ମାତ, ବିଶ୍ୱପ୍ରସିଦ୍ଧ ଏ ଗୁଣ୍ଡିଚା ଯାତରେ.... ଓ'

'ଆଗେ ବଳଭଦ୍ର, ପଛେ ସୁଭଦ୍ରା, ମଝିରେ କାଳିଆଧନ

ଟାଣ ଭାଇ ଟାଣ, ନନ୍ଦିଘୋଷ ରଥଟାଣ.... ହୋ ଭକତେ '

ବିଦ୍ୱାନଙ୍କ ମତରେ ଡାହୁକ ଗୀତର ଉଦ୍ଦେଶ୍ୟ କେବଳ ଭକ୍ତଙ୍କ ଭିତରେ ଶକ୍ତି ସଂଚାର କରିବା ନୁହେଁ ଅଧିକନ୍ତୁ ଏହା ମାଧ୍ୟମରେ ସମାଜରେ ଏକତା, ନିଷ୍ଠା ଓ ଶୃଙ୍ଖଳିତ ଭାବର ଜାଗରଣ ହୁଏ ।

- ବୈଷ୍ଣବ ମେହେର, ନୂଆପଡା

ମୋ: ୯୭୭୭୭୫୩୯୩୫

ଓଁ ତତ୍ ସତ୍

ଭଗବତ୍ ଗୀତାରେ ସତରତମ ଅଧ୍ୟାୟର ଶୀର୍ଷକ,'ଶ୍ରଦ୍ଧା ତ୍ରୟ ବିଭାଗ ଯୋଗ' ଅଟେ । ଯେଉଁଥିରେ ଶ୍ରୀକୃଷ୍ଣ ଜୀବନ ଆଉ ଅସ୍ତିତ୍ୱର ପ୍ରତ୍ୟେକ ପକ୍ଷକୁ ତିନି ରୂପରେ ବାଖ୍ୟା କରିଛନ୍ତି । 'ଓଁ ତତ୍ ସତ୍' ଏହି ତିନି ଶବ୍ଦ ପରମ ସତ୍ୟ, ବ୍ରହ୍ମାର ତ୍ରିବିଧ ପ୍ରତିନିଧିତ୍ୱ ବୋଲି ଦର୍ଶାଯାଇଛି । ଏଥିରୁ ସତ୍ୟ ଜାଣିବା ବାଲା (ବ୍ରାହ୍ମଣ), ବେଦ ଆଉ ଯଜ୍ଞ (କର୍ମକାଣ୍ଡ) ଉତ୍ପନ୍ନ ହେଲା । 'ଓଁ ତତ୍ ସତ୍' ବେଦାନ୍ତର ସନ୍ଦର୍ଭରେ ସର୍ବାଧିକ ପ୍ରଚଳିତ ବାକ୍ୟାଂଶ ଅଟେ । 'ଓଁ' ଗୋଟିଏ ମୌଳିକ ଧ୍ୱନି କିମ୍ବା କମ୍ପନ ଅଟେ । ଏହା କୁହାଯାଏ କି ସୃଷ୍ଟିର ଉତ୍ପତ୍ତି ଏହି ଦିବ୍ୟ କମ୍ପନରୁ ହେଇଛି, ଆଉ ବିଜ୍ଞାନ ମଧ୍ୟ ଏହା ପୁଷ୍ଟି କରିଥାଏ କି ସମ୍ପୂର୍ଣ୍ଣ ପଦାର୍ଥ ନିରନ୍ତର କମ୍ପନର ଅବସ୍ଥାରେ ରହିଥାଏ ଯେମିତି ଆବୃତ୍ତି କୁହାଯାଏ । 'ଓଁ' ଏହି କମ୍ପନ ତିନି ଅକ୍ଷର (ଅ-ଓ-ମ)ରୁ ମିଶିକରି ହେଇଛି । 'ତତ୍'ର ଅର୍ଥ 'ତାହା' ସାମାନ୍ୟତଃ ପରମାତ୍ମାଙ୍କୁ 'ତୁମେ' କହିକରି ସମ୍ବୋଧନ କରିବା ସହଜ ଲାଗିଥାଏ । କିନ୍ତୁ ଯେତେବେଳେ ଆମେ ପରମାତ୍ମାଙ୍କୁ 'ତୁମେ' କହିଥାଉ ଆଉ 'ମୁଁ' ମଧ୍ୟ ରହିଥାଏ । ଏହି କାରଣରୁ 'ତତ୍' ଶବ୍ଦର ପ୍ରୟୋଗ କଲେ । 'ତତ୍' ସେହି ଅବସ୍ଥା ଅଟେ ଯେଉଁଠି 'ମୁଁ'ଆଉ 'ତୁମେ' ଦୁହେଁ ଲୀନ ହୋଇକରି ଏକ ହୋଇ ଯାଆନ୍ତି । ମୂଳତଃ ଏହା ଅସ୍ତିତ୍ୱର ସହିତ ଏକାକାର ହେବାର ଅବସ୍ଥାର ପ୍ରତୀକ ଅଟେ । ବେଦାନ୍ତରେ ଏହି ଭାବକୁ ବ୍ୟକ୍ତ କରିବା ପାଇଁ 'ଓଁ ତ୍ୱମ୍ ଅସି' ଅର୍ଥାତ୍ 'ତୁମେ ସେହି ଅଟ'କୁହା ଯାଇଛି । ଯାହା ମନୁଷ୍ୟ ଆଉ ପରମାତ୍ମାଙ୍କ ମଧ୍ୟରେ ଏକତ୍ୱର ବୋଧ କରେଇ ଥାଏ । ଶ୍ରୀକୃଷ୍ଣ ଆଗକୁ କହିଛନ୍ତି,'ସେଥିପାଇଁ ଦାନ,ତପ ଆଉ ଯଜ୍ଞ' ଭଳି ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ସବୁ କର୍ମର ଆରମ୍ଭ ସଦା 'ଓଁ' ଉଚ୍ଚାରଣରୁ କରାଯାଇ ଥାଏ । ଯେଉଁ ଲୋକମୃତ୍ୟୁର ଇଚ୍ଛୁକ ହୋଇଥାନ୍ତି ଆଉ ଫଳର ଇଚ୍ଛା ରଖନ୍ତି ନାହିଁ, ସେମାନେ 'ତତ୍'ର ଚିନ୍ତନ କରିକି ବିବିଧ ଦାନ,ତପ ଆଉ ଯଜ୍ଞ କରିଥାନ୍ତି ।ଯେଉଁଠି ଇଚ୍ଛା କିମ୍ବା କାମନା ହିଁ ବନ୍ଧନର କାରଣ ହୋଇଯାଏ, ସେଠାରେ ଶ୍ଳୋକରେ ମୋକ୍ଷର ଇଚ୍ଛାକୁ ଉଲ୍ଲେଖ କରାଯାଇଛି । ଯାହା ଦେଖିବାକୁ ବିରୋଧ ଭାସୀ ପ୍ରତୀତ ହୋଇଥାଏ । ପ୍ରଥମ ଚରଣ ଭୌତିକ ବସ୍ତୁର ଇଚ୍ଛାରେ,ଦ୍ୱିତୀୟ ଚରଣରେ ମୋକ୍ଷର ଇଚ୍ଛା ହେବ ଆଉ ଶେଷରେ ମୋକ୍ଷ ପ୍ରାପ୍ତ କରିବାର ଇଚ୍ଛାର ମଧ୍ୟ ତ୍ୟାଗ କରିବା । ମୂଳତଃ ଏହାଗୋଟିଏ କ୍ରମିକ ବିକାଶ ଯାତ୍ରା ଅଟେ,ଯେମିତି ପ୍ରାଥମିକ ଶିକ୍ଷାଠୁ ନେଇକରି ସ୍ନାତକୋତର ପର୍ଯ୍ୟନ୍ତର ପ୍ରଗତି । ଶ୍ରୀକୃଷ୍ଣ ଆମକୁ ଏହି ଧୀରେ-ଧୀରେ ହେବା ବାଲା ଆନ୍ତରିକ ପରିବର୍ତ୍ତନରେ ମାର୍ଗ ଦର୍ଶନ କରିଥାନ୍ତି ।

- ମନୋଜ କୁମାର ବେହେରା

ମୋ-୭୯୭୮୮୩୦୬୧୧

ବାସ୍ତୁ ନିୟମ ପାଳନରେ ପରିବାର ହୁଏ ସୁଖମୟ



ଭାରତୀୟ ସଂସ୍କୃତିରେ ଗୃହ କେବଳ ବାସସ୍ଥାନ ନୁହେଁ ବରଂ ଏହା ପରିବାର, ଧର୍ମ, ସଂସ୍କୃତି ଓ ଜୀବନମୂଲ୍ୟର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଭାରତୀୟ ଋଷିମାନେ ପ୍ରକୃତି ସହ ମଣିଷର ସମନ୍ୱୟକୁ ଗୁରୁତ୍ୱ ଦେଇ ବାସ୍ତୁଶାସ୍ତ୍ରର ବିକାଶ କରିଥିଲେ। ବାସ୍ତୁଶାସ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଶକ୍ତି, ସୂର୍ଯ୍ୟାଲୋକ, ବାୟୁ, ଜଳ ଓ ପୃଥିବୀର ସନ୍ତୁଳିତ ବ୍ୟବହାର ମାଧ୍ୟମରେ ଏକ ସୁସ୍ଥ, ସୁରକ୍ଷିତ

ଓ ସୁଖମୟ ଜୀବନ ଗଠନ କରିବା। 'ବାସ୍ତୁ' ଶବ୍ଦଟି ସଂସ୍କୃତ 'ବସ୍' ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ 'ବାସ କରିବା'। ଏହି ଶାସ୍ତ୍

ଅଭିଯୋଗ ଶୁଣି ତୁରନ୍ତ ପଦକ୍ଷେପ ନେଲେ ବିଧାୟକ

ଝାରସୁଗୁଡ଼ା : ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣିଥିଲେ । ଏହି ଅବସରରେ ସେ ଉପସ୍ଥିତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ଅଭିଯୋଗ ଓ ଦାବି ସମ୍ପର୍କରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ୱାର୍ଡ ନଂ–୧୩ ବାଲିଯୋରୀ ଓରାମପଡାର ବାସିନ୍ଦାମାନେ ବିଧାୟକଙ୍କୁ ଭେଟି ଅଞ୍ଚଳର ଦୀର୍ଘଦିନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାକୁ ଗୁରୁତ୍ୱର ସହ ନେଇ ବିଧାୟକ ତ୍ରିପାଠୀ ତତ୍କାଳ ଝାରସୁଗୁଡ଼ା ଜିଲ୍ଲାପାଳ ଓ ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ଖଣ୍ଡୀୟ ରେଳ ପ୍ରବନ୍ଧକଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ସେହିପରି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ସେବା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଉପସ୍ଥାପନ କରିଥିଲେ । କିଛି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥଳରେ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ, ଅନ୍ୟ ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ ।

ଓପିଜିସି ପକ୍ଷରୁ ୨୫୦୦ ଚାରାରୋପଣ

ଝାରସୁଗୁଡ଼ା : ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ(ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନ (ଆଇଟିପିଏସ୍) ହେଲିପ୍ୟାଡ୍ ପଡ଼ିଆରେ 'ବନ ମହୋତ୍ସବ' ଅବସରରେ ଦେଶବ୍ୟାପୀ 'ଏକ ପେଡ଼ ମା' କେ ନାମ' ଅଭିଯାନ ଅଧୀନରେ ଏକ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଓପିଜିସିର ନିର୍ଦ୍ଦେଶକ (ପରିଚାଳନା) ଅଞ୍ଜନା ରଞ୍ଜନ ଦାଶ ନେତୃତ୍ୱ ନେଇଥିବା ବେଳେ ଓପିଜିସିର ପରିବେଶ ବିଭାଗ ଏହାକୁ ପରିଚାଳନା କରିଥିଲା । ଓପିଜିସିର କର୍ମଚାରୀଙ୍କ ସହ ଇବ ଥର୍ମାଲ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ଏବଂ ଆଇଟିପିଏସ୍ ଲେଡିଜ୍ କ୍ଲବର ସଦସ୍ୟମାନେ ଚାରାରୋପଣ କରିଥିଲେ । ୨,୫୦୦ ଚାରା ରୋପଣ କରାଯାଇଥିଲା ।

ଏହି ଅବସରରେ ନିର୍ଦ୍ଦେଶକ ଏ. ଆର ଦାଶ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ପରିବେଶୀୟ ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଅତ୍ୟନ୍ତ ଆବଶ୍ୟକ । ସେ ସମସ୍ତଙ୍କୁ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବା ଏବଂ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଓପିଜିସି ୨୦୨୬-୨୭ ଆର୍ଥିକ ବର୍ଷରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫଡିସି)ର ସହଯୋଗରେ ଚଳିତ ଆର୍ଥିକ ବର୍ଷରେ ମୋଟ ୨୧,୦୦୦ ଚାରା ରୋପଣ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିମଧ୍ୟରୁ ୫,୦୦୦ଟି ଚାରା ପ୍ଲାଣ୍ଟ ଏବଂ ଟାଉନସିପ ପରିସରରେ ରୋପଣ କରାଯିବାକୁ ଥିବା ବେଳେ ଅବଶିଷ୍ଟ ୧୬,୦୦୦ ଚାରା ଆଶ୍ ପଣ୍ଡ ଅଞ୍ଚଳରେ ରୋପଣ କରାଯିବ । ଏହି କାର୍ଯ୍ୟକ୍ରମ ଓ ଏଫଡିସି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ।

ସର୍ଦ୍ଦି ନିରାକରଣ ସଚେତନତା

ଗଞ୍ଜାମ: ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନେ ହେଉଥିବା ସର୍ଦ୍ଦି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ ବର୍ଷାରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ, କଫ ବଢି ନାସା ପଥ, ଆଖି ନାକରୁ ପାଣି ବାହାରେ, କର୍ଣ୍ଣ କଣ୍ଡୁ ଓ ସ୍ରାବ ହୁଏ ସାଧାରଣ ଜ୍ୱର ରହେ, ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ, ଅଗ୍ନିମାନ୍ଦ୍ୟ, ଅରୁଚି ରହେ । ଆବଦ୍ଧ ଗୃହରେ ବିଶ୍ରାମ ନେବେ, ଧାରଉଷ୍ଣ ଜଳପାନ ସହ ତୁଳସୀ ପତ୍ର, ଅଦା ରସ ପାନକଲେ ଭଲ ହୋଇଯାଏ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।

ବିଦ୍ୟାମନ୍ଦିରରେ ବାଟିକା ଶ୍ରେଣୀ ମାତୃ ସମ୍ମିଳନୀ

ନିରାକାରପୁର : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆର୍ଯ୍ୟବିହାର ନିରାକାରପୁର ପରିସରରେ ବାଟିକା ଶ୍ରେଣୀର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀରେ ଅରୁଣ,ଉଦୟ ଓ ପ୍ରକାଶ ଶ୍ରେଣୀର ୧୦୭ ରୁ ଊର୍ଦ୍ଧ୍ୱ ଜଣ ମା' ଉପସ୍ଥିତ ଥିଲେ । ବିଦ୍ୟାମନ୍ଦିରର ବ୍ୟବସ୍ଥାନୁସାରେ ସର୍ବ ପ୍ରଥମେ ଉପସ୍ଥିତ ଥିବା ମା' ପୁଷ୍ପଲତା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବିଦ୍ୟାମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପିଲାଙ୍କର ମୂଳଦୂଆ ଯେତେ ସୁଦୃଢ଼ ହେବ ସେମାନଙ୍କର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ ବୋଲି ସମ୍ପାଦକ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଶିଶୁମାନଙ୍କର ଶିକ୍ଷାର ବିକାଶ ପାଇଁ ମା' ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଶିଶୁମାନଙ୍କର ଶିକ୍ଷଣ କ୍ରିୟାକଳାପର ଭିଡ଼ିଓଗୁଡ଼ିକ ଗୁରୁଜୀ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଶିଶୁମାନଙ୍କୁ ଶିକ୍ଷା ସମୟରେ ବ୍ୟବହୃତ ହେଉଥିବା କ୍ରୀଡ଼ା ସାମଗ୍ରୀ ଓ ଶିକ୍ଷା ଉପକରଣର ପ୍ରଦର୍ଶନୀ ମା' ମାନେ ବୁଲି ଦେଖିଥିଲେ ।

ପୁରୀ ପୋଲିସର ଆଣ୍ଟି-ସ୍ନାଚିଂ ଅଭିଯାନ

୪ ଦିନରେ ୧୪୩ ଲୁଟେରା ଗିରଫ, ୨୫୦ରୁ ଅଧିକ ଚୋରି ମୋବାଇଲ ଜବତ

ପୁରୀ,(ନିପ୍ର): ରଥଯାତ୍ରା ୨୦୨୬ ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶ୍ରୀକ୍ଷେତ୍ର ପୁରୀକୁ ଆସୁଥିବା ପରିପ୍ରେକ୍ଷୀରେ ସେମାନଙ୍କର ସୁରକ୍ଷା, ନିରାପତ୍ତା ଓ ନିର୍ବିଘ୍ନ ଦର୍ଶନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଏକ ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ଡ୍ରାଇଭ୍ ଜାରି ରହିଛି । ଭିଡ଼ର ସୁଯୋଗ ନେଇ ମୋବାଇଲ, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରୁଥିବା ଅପରାଧୀଙ୍କ ବିରୋଧରେ ପୁରୀ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉଛି । ଗତ ୪ ଦିନ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ପୁରୀ ପୋଲିସ ବିଭିନ୍ନ ଥାନା ଓ ଆଣ୍ଟି-ସ୍ନାଚିଂ ଟିମ୍‌ର ମିଳିତ ଉଦ୍ୟମରେ ମୋଟ ୧୪୩ ଜଣ ସ୍ନାଚରଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨୫୦ରୁ ଅଧିକ ଚୋରି ମୋବାଇଲ ଫୋନ୍ ଜବତ କରାଯାଇଛି । ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ସେମାନଙ୍କର ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଉଛି । ଏହି ଅଭିଯାନରେ ଟାଉନ ଥାନା ୪୭ ଜଣ ଅଭିଯୁକ୍ତ ଗିରଫ, ସିଂହଦ୍ୱାର ଥାନା ୩୫ ଜଣ ଅଭିଯୁକ୍ତ ଗିରଫ, କୁମ୍ଭାରପଡ଼ା ଥାନା ୩୧ ଜଣ ଅଭିଯୁକ୍ତ ଗିରଫ, ସି ବିଚ୍ ଥାନା ୧୫ ଜଣ ଅଭିଯୁକ୍ତ ଗିରଫ, ବାଲିଆପଣ୍ଡା ଥାନା ୧୩ ଜଣ ଅଭିଯୁକ୍ତ ଗିରଫ, ତାଳବଣିଆ ଥାନା ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ପୁରୀ ସହରର ବଡ଼ଦାଣ୍ଡ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଗୁଣ୍ଡିଚା ମନ୍ଦିର, ସମୁଦ୍ରକୂଳ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ପାର୍କିଂ ସ୍ଥଳୀ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ନଜରଦାରୀ ବ୍ୟବସ୍ଥା କରାଯାଇଛି । ସାଦା ପୋଷାକଧାରୀ ପୋଲିସ କର୍ମଚାରୀ, ଆଣ୍ଟି-ସ୍ନାଚିଂ ଟିମ୍, ସିସିଟିଭି ନିରୀକ୍ଷଣ ଓ ସୂଚନାକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରାଯାଉଛି ।

ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଯେ, ରଥଯାତ୍ରା ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ଚୋରି, ସ୍ନାଚିଂ ଓ ଅନ୍ୟାନ୍ୟ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଣ୍ଟି-ସ୍ନାଚିଂ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି ଏବଂ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ନିରନ୍ତର ଜାରି ରହିବ । ଏପରି ଅପରାଧରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନରୁ ରକ୍ଷା ମିଳିବ ନାହିଁ । ପୁରୀ ପୋଲିସ ସମସ୍ତ ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ, ଜନଗହଳିପୂର୍ଣ୍ଣ ସ୍ଥାନରେ ନିଜର ମୋବାଇଲ ଫୋନ୍, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ପ୍ରତି ସତର୍କ ରୁହନ୍ତୁ । କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସ୍ନାଚିଂ ସମ୍ପର୍କିତ ଘଟଣା ଦେଖିଲେ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ପୋଲିସ କଣ୍ଟ୍ରୋଲ ରୁମ ୧୧୨କୁ ସୂଚନା ଦିଅନ୍ତୁ । ପୁରୀ ପୋଲିସ ଶ୍ରୀକ୍ଷେତ୍ରକୁ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ନାଗରିକଙ୍କୁ ଏକ ସୁରକ୍ଷିତ, ନିରାପଦ ଓ ନିର୍ବିଘ୍ନ ପରିବେଶ ପ୍ରଦାନ କରିବା ପାଇଁ ସର୍ବଦା ପ୍ରତିବଦ୍ଧ । ରଥଯାତ୍ରା ସମୟରେ ଏହି ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ଅଭିଯାନ ନିରନ୍ତର ଜାରି ରହିବ ।

ଯଖପୁରା ମୁଖ୍ୟ ରାସ୍ତାର ମରାମତି

ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କଲେ ଅଞ୍ଚଳବାସୀ !

ଯଖପୁରା,(ନିପ୍ର): ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିଥିବା ଯଖପୁରାକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଦୟନୀୟ ଅବସ୍ଥା ଶେଷରେ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଥିଲା । ବର୍ଷା ଯୋଗୁଁ ରାସ୍ତା ଉପରେ ପ୍ରାୟ ୧୦ ଇଞ୍ଚ ପର୍ଯ୍ୟନ୍ତ ବାଲି, ମାଟି ଓ କାଦୁଅ ଜମି ରହୁଥିବାରୁ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଥିଲା । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଯଖପୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ଅରୁଣ ଜ୍ୟୋତି ସାମଲ ଓ ସ୍ଥାନୀୟ ସାମ୍ବାଦିକ ପଦ୍ମନାଭ ପହି ମିଳିତ ଭାବେ ରାସ୍ତାର ଜରୁରୀକାଳୀନ ମରାମତି କାର୍ଯ୍ୟ କରି ଜନସାଧାରଣଙ୍କ ପ୍ରଶଂସା ସାଉଁଟିଛନ୍ତି ।

ଏହି ରାସ୍ତା ଉପରେ କେବଳ ଯଖପୁରା ଓ ଆଖପାଖ ଗ୍ରାମର ଲୋକମାନେ ନୁହେଁ, ବରଂ ଜଟିଆ ଷ୍ଟିଲ, ଭିସିଆଇ କେମିକାଲ, ଇଙ୍ଗା, ବିକେ ଷ୍ଟିଲ, ବିଭିନ୍ନ ଲେବର ହଷ୍ଟେଲର ଶ୍ରମିକ, କର୍ମଚାରୀ, ଅଧିକାରୀ ଏବଂ ଯଖପୁରାରେ ନିର୍ମିତ ଷ୍ଟାଡିୟମକୁ ଯାଉଥିବା ଶହ ଶହ ଲୋକ ପ୍ରତିଦିନ ନିର୍ଭର କରିଥାନ୍ତି । ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳରେ ନାହିଁନଥିବା ଅସୁବିଧା ହେଉଥିଲା । ପ୍ରାୟ ପ୍ରତିଦିନ କେହି ନା କେହି ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ଅଭିଯୋଗ ମଧ୍ୟ ଆସୁଥିଲା ।

ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ଅନୁଭବ କରି ସରପଞ୍ଚ ଅରୁଣ ଜ୍ୟୋତି ସାମଲ ଓ ସାମ୍ବାଦିକ ପଦ୍ମନାଭ ପହି ନିଜ ଉଦ୍ୟମରେ ରାସ୍ତାରେ ଜମିଥିବା ବାଲି ଓ କାଦୁଅ ସଫା କରିବା ସହ ବଡ଼ ବଡ଼ ଗାଡ଼ଗୁଡ଼ିକୁ ଭରାଇ ଯାତାୟାତକୁ ସୁଗମ କରିଛନ୍ତି । ଏହି ପଦକ୍ଷେପ ଫଳରେ ରାସ୍ତାରେ ଚଳାଚଳ କରୁଥିବା ଲୋକମାନେ ବର୍ତ୍ତମାନ କିଛିଟା ଆଶ୍ୱସ୍ତି ପାଇଛନ୍ତି । ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା । ଏତେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତାର ସ୍ଥାୟୀ ମରାମତି ଏବଂ କଂକ୍ରିଟ୍ କିମ୍ବା ପିଚୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ନଚେତ ଆଗାମୀ ଦିନରେ ପୁଣି ଦୁର୍ଘଟଣା ବଢ଼ିବା ସହ ସାଧାରଣ ଲୋକ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ଠାରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦ୍ଘାଟନ ଉତ୍ସବ ଅଧକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ

ମହାବିଦ୍ୟାଳୟ 'ଶକ୍ତିଶ୍ରୀ' ଆନୁକୂଲ୍ୟରେ ୨୧ ଠାରୁ ୨୬-୭-୨୬ ତାରିଖ ଯାଏଁ ତାଲିମ ଶିବିରରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସଂଯୋଜିକା ରସାୟନ ବିଜ୍ଞାନ ଅଧ୍ୟାପିକା ଜି. ଶୋଭାରାଣୀ ସୂଚନା ଦେଇଛନ୍ତି । ମଂଚାସୀନ ଅତିଥି ମନେ ଛାତ୍ରୀ ମାନେ ଅଧିକରୁ ଅଧିକ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ନିଜେ ନିଜକୁ ସୁରକ୍ଷିତ କରି ପାରିଲେ ସମାଜକୁ ନୂତନ ରୂପ ଦେବ ବୋଲି ଅଧକ୍ଷ ଶ୍ରୀ ବାନାପାଲି ବକ୍ତବ୍ୟ ରଖିଥିଲେ ।

ଲଗାଣ ବର୍ଷାରେ ଜଳାର୍ଣ୍ଣବ ହେଲା ବଡ ବାଣପୁର ପଞ୍ଚାୟତ କାର୍ଯ୍ୟାଳୟ

କଣ୍ଟିଲୋ,(ନି.ପ୍ର): ଲଗାଣ ବର୍ଷାର ପ୍ରଭାବରେ ଜଳାର୍ଣ୍ଣବ ହୋଇଛି ଖଣ୍ଡପଡ଼ା ବ୍ଲକ ଅଧୀନ ବଡ ବାଣପୁର ପଞ୍ଚାୟତ କାର୍ଯ୍ୟାଳୟ ।ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ କିମ୍ବା ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ବଡ ବାଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ପାଣି ପଶିଛି । ପୁନଶ୍ଚ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଆଗରେ ବର୍ଷାଜଳ ଜମି ରହିଛି । ଲଗାଣ ବର୍ଷା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଜଣାପଡିଛି । ସୂଚନାଯୋଗ୍ୟ ବଡ ବାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଦେଇ ୪୮ ନଂ ରାଜ୍ୟ ରାଜପଥ ରହିଛି ।ରାସ୍ତାର ଗୋଟିଏ ପାର୍ଶ୍ୱରେ ପଞ୍ଚାୟତ କାର୍ଯ୍ୟାଳୟଟି

ଥିବା ବେଳେ ଅପର ପାର୍ଶ୍ୱରେ ଏକ ବିରାଟ ପୁଷ୍କରିଣୀ ରହିଛି ।ବର୍ଷା ଯୋଗୁଁ ପୁଷ୍କରିଣୀଟି ପୂର୍ଣ୍ଣ ହେବା ସହ ପୁଷ୍କରିଣୀର ହୁଡା ନଥିବାରୁ ରାସ୍ତା ଉପରେ ପାଣି ପ୍ରବାହିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବେଶ କରିବା ସହ ରାଜ୍ୟ ରାଜପଥ ଉପରେ ୨ ଫୁଟ ଉଚ୍ଚରେ ପାଣି ଜମି ରହିଛି । ମୁଖ୍ୟ ରାସ୍ତାରେ ପାଣି ଜମି ରହିବା ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି ।ତେଣୁ ବଡବାଣପୁର ପଞ୍ଚାୟତ ଦେଇ ଯାଇଥିବା ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଗଭୀର ଡ୍ରେନ ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ହଜିବା ସମସ୍ୟା : ଏକାଠି କରୁଛି ସୂଚନାକେନ୍ଦ୍ର

ପୁରୀ,(ନିପ୍ର): ପୁରୀ ମେଳା ମହୋତ୍ସବରେ ହଜାର ହଜାର ଲୋକଙ୍କ ଗହଳି ଜମେ । ଛୁଆ ଠାରୁ ବୟସ୍କ ସମସ୍ତଙ୍କ ସମାବେଶ ହୁଏ ସେଠାରେ । ଭିଡ ଭିତରେ କିଛି ବ୍ୟକ୍ତି ହଜିବାଟା ସ୍ୱାଭାବିକ । ରଥଯାତ୍ରା ଭଳି ଏକ ବିଶ୍ୱ ପ୍ରସିଦ୍ଧ ମହାପର୍ବ, ଯେଉଁ ଥିରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ । ସେଠାରେ କିଛି ବ୍ୟକ୍ତି ହଜିବା ଓ ସେମାନଙ୍କ ପରିବାର ସଦସ୍ୟ ବା ସମ୍ପର୍କୀୟ ସେମାନଙ୍କୁ ଖୋଜିବା ଏକ ସ୍ୱାଭାବିକ ପ୍ରକ୍ରିୟା । ତେବେ ସେହି ହଜିବା ଖୋଜୁଥିବା ଲୋକଙ୍କୁ ଏକାଠି କରି ତାଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରୁଛି ସୂଚନା କେନ୍ଦ୍ର । ଚଳିତ ରଥଯାତ୍ରାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୫ ଗୋଟି ସୂଚନା କେନ୍ଦ୍ର କରାଯାଇଛି । ଜିଲ୍ଲାପାଳଙ୍କ ପରାମର୍ଶରେ ଏହି ସୂଚନା କେନ୍ଦ୍ରକୁ ସମନ୍ୱିତ ବା ଇଣ୍ଟିଗ୍ରେଟେଡ ମୋଡରେ ପରିଚାଳିତ ହେଉଛି । ଏହି କେନ୍ଦ୍ରରେ

ତିଥି :(ଅଷ୍ଟମୀ): (ଚିତ୍ରା କନ୍ୟା)
ଅମୃତ ବେଳା: ଦିବା ଘ ୭।୪୫ ଗତେ ଘ ୧୦।୦୯ ଗତେ

ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ଯେଉଁ ଯେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମ ବୃଦ୍ଧି ହୁଏ, ସେତେବେଳେ ହିଁ ମୁଁ ନିଜକୁ ସାକାରରୂପରେ ପ୍ରକଟ କରେ।। - ଶ୍ରୀମଦ୍ ଭଗବଦ୍ ଗୀତା

ବିଗିଡ଼ି ଚାଲିଛି ମୌସୁମୀ

ମୌସୁମୀ କୃଷିର ଜୀବନରେଖା। ବିବିଧ ଫସଲର ପ୍ରତିଶ୍ରୁତି ଆଧାରିତ ଉସ। ଆଞ୍ଚଳିକତା ଦୃଷ୍ଟିରୁ କେଉଁ ରାଜ୍ୟରେ ମୌସୁମୀ ବୃଷ୍ଟିପାତ କମ୍ ତ କେଉଁଠି ଅଧିକ। ତାହାରି ଭିତରେ ଜାତୀୟସ୍ତରରେ ଏହାର ସ୍ଥିତି ଏବେ ଚିନ୍ତାଜନକ ହୋଇଛି। ଅଦ୍ୟାବଧି ସ୍ୱାଭାବିକ ବୃଷ୍ଟିପାତ ୩୨୩.୧ ମି.ମି ତୁଳନାରେ ରେକର୍ଡ ହୋଇଛି ମାତ୍ର ୨୪୪.୬ ମିମି.। ଅର୍ଥାତ୍ ପ୍ରାୟ ୨୪ ପ୍ରତିଶତ ରହିଛି ନିଅଣ୍ଟିଆ ସ୍ଥିତି। ଏପରି ସ୍ଥିତି ସମୟରେ ଭାରତୀୟ ପାଣିପାଗ ବିଭାଗ ନିକଟରେ ସୂଚାଇଛି ଆଗାମୀ ସପ୍ତାହରେ ଉତ୍ତର, ପୂର୍ବ ଏବଂ କେନ୍ଦ୍ରୀୟ ଭାରତରେ ବ୍ୟାପକ ବର୍ଷା ହେବ। ଏଥିସହ ମୌସୁମୀର ଜୋର୍‌ଦାର ପ୍ରତ୍ୟାବର୍ତ୍ତନ ହେବ।

ପାଣିପାଗ ବିଭାଗର ଏହି ସୂଚନା ବେଳେ ଦେଶର ପାର୍ବତ୍ୟାଞ୍ଚଳ ଗୁଡ଼ିକରେ ପ୍ରକୃତିର କରାଳ ରୂପ ଓ ବିପ୍ଳାତ ଦେଖିବାକୁ ମିଳିଛି। ଜମ୍ମୁ-କାଶ୍ମୀରର ପୁଞ୍ଚ ଓ ରଜୌରୀ ଜିଲ୍ଲାରେ ପ୍ରବଳ ବନ୍ୟା, ଭୂସ୍ଖଳନ ହେତୁ ଅଦ୍ୟାବଧି ୧୮ ଜଣଙ୍କ ଜୀବନ ଯାଇଛି। ନାଗାଲାଣ୍ଡ ମନୋ ଜିଲ୍ଲାରେ ଏହି ବିପର୍ଯ୍ୟୟ ନେଇଛି ୮ ଜଣଙ୍କ ପ୍ରାଣ। ନିକଟରେ ମୁମ୍ବାଇ ମହାନଗରରେ ବର୍ଷା ବିପ୍ଳାତ ଦେଖିବାକୁ ମିଳିଥିଲା। ମହାନଗରୀର ବହୁ ରାସ୍ତା ଏଭଳି ଜଳାର୍ଣ୍ଣବ ହୋଇଥିଲା ଯେ ବିସ୍ତୃତ ହ୍ରଦ ତୁଲ୍ୟ ଦେଖାଯାଉଥିଲା। ଆସାମ ସମେତ କିଛି ଅଞ୍ଚଳରେ ବନ୍ୟା ବିପର୍ଯ୍ୟୟ ମଧ୍ୟ ଦେଖାଦେଇଛି।

ସାଧାରଣ ଭାବରେ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀ ରହେ। କିନ୍ତୁ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବା ଖବର ଚାଷୀଙ୍କ ପାଇଁ ଉଦ୍‌ବେଗ ହିଁ ଉଦ୍‌ବେଗ। ଏବେ ଛନ୍ଦହରା ହୋଇପଡ଼ିଥିବା ମୌସୁମୀର ଏପରି ମିଜାଜ ପଛରେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏଡ଼ାଇ ହୁଏନାହିଁ। ଚିନ୍ତାଜନକ ଯେ ସ୍ଥାୟୀ ଓ ବ୍ୟାପକ ବର୍ଷାର ମାତ୍ରା ପୂର୍ବାପେକ୍ଷା କମିଛି। ବରଂ ବଢ଼ିଛି ଦୀର୍ଘକାଳୀନ ଶୁଷ୍କ ଅବଧି ଓ ପ୍ରବଳ ବର୍ଷାର ସ୍ୱଳ୍ପ ପର୍ଯ୍ୟାୟମାନ। ଏପରି ବିଶୃଙ୍ଖଳିତ ଧାରାର ପରିଣାମ କେବଳ ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରେନାହିଁ। ଅଧିକନ୍ତୁ ଦେଶର କୃଷି ଓ ଜଳସୁରକ୍ଷାକୁ ପ୍ରଭୂତ ଭାବରେ ପ୍ରଭାବିତ କରେ। ଭାରତ ମହାସାଗର ପୃଷ୍ଠର ଉଷ୍ମତା ବୃଦ୍ଧି ପାଇଛି, ପୁଣି ଏଲ୍‌ନିନୋ ଭଳି ଘଟଣା ବିଭିନ୍ନ ସ୍ଥାନର ପାଣିପାଗ ଧାରାକୁ ପ୍ରଭାବିତ କରିଛି କି ନାହିଁ ସେ ସଂପର୍କରେ ଅନ୍ତତଃପକ୍ଷେ ଅନୁମାନ କରିହେଉଛି। ଯେହେତୁ ମୌସୁମୀ ଫସଲ ଚକ୍ରକୁ ପ୍ରଭାବିତ କରିଆସିଛି ସେହି ଦୃଷ୍ଟିରୁ କୃଷି ଉତ୍ପାଦନ ଉଦ୍ୟୋଗ ପାଇଁ ଏହା ଶକ୍ତ ଆହ୍ୱାନ ସାଜିଛି।

ଦେଶରେ ଖାଦ୍ୟଶସ୍ୟ, ପନିପରିବା ପ୍ରଭୃତି ଆଉ ଆଗଭଳି ଜୈବିକ ଧାରାରେ ମିଳୁନାହିଁ। ତଥାକଥିତ ଆଧୁନିକ ଧାରା କୃଷି କ୍ଷେତ୍ରକୁ ବ୍ୟାପକ ଭାବରେ ବିଗାଡିସାରିଛି। ପୁରୁଣା ଧାରାରେ ଯେଉଁ କୃଷି ଧରିତ୍ରୀ ଓ ଆକାଶକୁ ନିର୍ଭର କରି ଚାଷ କରୁଥିବା ତାହା ତଥାକଥିତ ଆଧୁନିକତା ଭିତରେ ଏକ ପ୍ରକାର ନିଶ୍ଚିହ୍ନ ହୋଇଯାଇଛି। ପାଣିପାଗ ବିଶେଷଜ୍ଞ ଓ ଚାଷୀକୁଳ ପାଇଁ ମୌସୁମୀ ଚାଲେଞ୍ଜ ପାଲଟିଯାଇଛି। କିଭଳି ଏହାର କୁପ୍ରଭାବରୁ ମୁକୁଳି ହେବ। କି କି ଦୀର୍ଘମିଆଦି କାର୍ଯ୍ୟ ଯୋଗାଣ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏ ଦିଗରେ ତତ୍ପର ନ ହେଲେ ଆଗକୁ ନାନା ବିପଦକୁ ଆମନ୍ତ୍ରଣ କରିବା ନିଶ୍ଚିତପ୍ରାୟ।

ଭାରତର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନର କାହାଣୀ

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ହାଇଡ୍ରୋଜେନ ଚାଳିତ ଟ୍ରେନ ପର୍ଯ୍ୟାବରଣ ସୁରକ୍ଷାକୁ ଆହୁରି ମଜଭୁତ କରିବ। ହାଇଡ୍ରୋଜେନ ଟ୍ରେନ ଟିକେଟ ଦର ମଧ୍ୟ ଖୁବ୍ ଶସ୍ତା ରହିଛି। ପାଞ୍ଚ ଟଙ୍କାରୁ ପଚିଶ ଟଙ୍କା। ପ୍ଲାଟଫର୍ମ ଟିକଟ ଅପେକ୍ଷା ବି କମ୍। ସମ୍ପ୍ରତି ଭାରତର ୯୮% ରୁ ଅଧିକ ଟ୍ରେନରେ ବିଦ୍ୟୁତିକରଣ ହୋଇ ସାରିଛି। ତେଣୁ ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଆମ ଦେଶ ଉପରେ ତୁଳନାତ୍ମକ ରୂପେ କମ୍ ଅନୁଭୂତ ହେଉଛି। ଭାରତୀୟ ରେଳ ଊନବିଂଶ ଶତାବ୍ଦୀରେ ଷ୍ଟିମ ଓ ବିଂଶ ଶତାବ୍ଦୀରେ ଡିଜେଲ ସାହାଯ୍ୟରେ ଚାଲୁଥିଲା। ଏକବିଂଶ ଶତାବ୍ଦୀରେ ଏଥିପାଇଁ ବିଦ୍ୟୁତ ଶକ୍ତି ଉପଯୋଗ କରାଯାଉଅଛି। ବିଂଶ ଶତାବ୍ଦୀ ଭଳି ପରିସ୍ଥିତି ଥିଲେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ଅବରୁଦ୍ଧର ଭାରତ ଉପରେ ଗଭୀର ପ୍ରଭାବ ପଡନ୍ତା। ହାଇଡ୍ରୋଜେନ ବା ଉଦ୍‌ଜାନ୍‌ଚାଳିତ ଟ୍ରେନ ବିକଶିତ କରି ଏବେ ଭାରତ ବିକାଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ ଅତିକ୍ରମ କରିଛି ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ।

ଭାରତର ପ୍ରଥମ ହାଇଡ୍ରୋଜେନ ଚାଳିତ ଟ୍ରେନ ଶୁକ୍ରବାର ହରିୟାଣାର ଜିନ୍ଦରୁ ସୋନିପତ ମଧ୍ୟରେ ଗଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଏହାର ଅଧିକତମ ବେଗ ଘଣ୍ଟା ପ୍ରତି ୧୧୦ କିଲୋମିଟର। ବର୍ତ୍ତମାନ ପାଇଁ ଏହାର ବେଗକୁ ଘଣ୍ଟାପ୍ରତି ୭୫ କିଲୋମିଟରରେ ସୀମିତ ରଖାଯାଇଅଛି। ଜିନ୍ଦ୍ ଓ ସୋନିପତ ମଧ୍ୟରେ ଦୂରତା ୮୯ କିଲୋମିଟର। ଏହି ଦୂରତା ଅତିକ୍ରମ କରିବାକୁ ଏହି ଟ୍ରେନକୁ ଦୁଇଘଣ୍ଟା ସମୟ ଲାଗିବ। ଦେଶରେ ବିକଶିତ ପ୍ରଥମ ହାଇଡ୍ରୋଜେନଚାଳିତ ଟ୍ରେନରେ ୧୦ ଗୋଟି ବଗି ରହିଛି। ଦୁଇଟି ଇଞ୍ଜିନ ଓ ଆଠଟି ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ୩୨୦୦ ହର୍ସ ପାୱାର ବିଶିଷ୍ଟ ଏହି ଟ୍ରେନ ଆମ ଦେଶର ଆବଶ୍ୟକତା ଆଧାରରେ ନିର୍ମିତ ହୋଇଛି, କଷ୍ଟମାଇଜ କରାଯାଇଛି। ଏହା ଏକା ସାଙ୍ଗରେ ୨୬୦୦ ଯାତ୍ରୀଙ୍କୁ ପରିବହନ ସୁବିଧା ଯୋଗାଇବାରେ ସକ୍ଷମ ଅଟେ। ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱର କେବଳ ଚାରିଗୋଟି ଦେଶ, ଜର୍ମାନୀ, ଜାପାନ, ଇଟାଲୀ ଓ ଚୀନ ହାଇଡ୍ରୋଜେନ ଚାଳିତ ଟ୍ରେନ ନିର୍ମାଣ କରିଛନ୍ତି। ଭାରତ ଏହି ସୂଚୀରେ ନିଜକୁ ସାମିଲ କରି ପୃଥିବୀରେ ପଞ୍ଚମ ସ୍ଥାନ ଅଧିକାର କରିଛି। ଭାରତରେ ନିର୍ମିତ ହାଇଡ୍ରୋଜେନ ଚାଳିତ ଟ୍ରେନ ବିଶ୍ୱର ଶକ୍ତିଶାଳୀ ଏବଂ ବୃହତ ଟ୍ରେନମାନଙ୍କ ମଧ୍ୟରୁ

ଅନ୍ୟତମ।

ଭାରତର ସାଧାରଣ ଲୋକଙ୍କ ପାଇଁ ଏକ ଶସ୍ତା କାର ନିର୍ମାଣ କରିବା ଦିବଂଗତ ରାଜନେତା ତଥା ଭୂତପୂର୍ବ ସାଂସଦ ସଞ୍ଜୟ ଗାନ୍ଧୀଙ୍କ ଏକ ସ୍ୱପ୍ନ ଥିଲା। ସେଥିପାଇଁ ୧୯୭୧ ମସିହାରେ ମାରୁତି ଲିମିଟେଡ଼ ନାମକ ଏକ କମ୍ପାନୀ ମଧ୍ୟ ଗଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଲାଇସେନ୍ସ ଓ ଜମି ଆବଣ୍ଟନକୁ ନେଇ ଖୁବ୍ ବିବାଦ ଦେଖାଦେଇଥିଲା। ବର୍ଷ ପରେ ବର୍ଷ ଅତିବାହିତ ପରେ ମଧ୍ୟ ଭାରତ ପିପୁଲ୍ସ କାର୍ ନିର୍ମାଣରେ ସଫଳ ହୋଇନଥିଲା। ପରେ ଜାପାନର ସୁଜୁକି ମୋଟର କର୍ପୋରେସନ ମାରୁତି କମ୍ପାନୀର ଅଂଶୀଦାର ହେଲା। ବିଦେଶୀ ଟେକନୋଲୋଜି ଏବଂ ସହଯୋଗରେ ୧୯୮୩ ମସିହାରେ ମାରୁତି ୮୦୦ ଲଞ୍ଚ ହେଲା। ଆଗେ ନିଜେ ନିଜ ଜିନିଷ ତିଆରି କରିବା ଭାରତ ପକ୍ଷେ ସହଜ ନଥିଲା। ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା। ଦଶ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୬ ମସିହାରେ ବର୍ଲିନ ଠାରେ ଆୟୋଜିତ ଏକ ପ୍ରଦର୍ଶନୀରେ ବିଶ୍ୱର ପ୍ରଥମ ହାଇଡ୍ରୋଜେନ ଚାଳିତ ଟ୍ରେନ ଲଞ୍ଚ କରାଗଲା। ଏହାର ଦୁଇ ବର୍ଷ ପରେ ୨୦୧୮ ମସିହାରେ ହାଇଡ୍ରୋଜେନ ଟ୍ରେନର ସଞ୍ଚାଳନ ହେଲା। ପରେ ଇଟାଲୀ, ଜାପାନ, ଚୀନ ଭଳି ଦେଶରେ ହାଇଡ୍ରୋଜେନ ଟ୍ରେନ ସଞ୍ଚାଳିତ ହେଲା। ପାଇଲଟ ପ୍ରୋଜେକ୍ଟ ଭାବେ ସୀମିତ ସଂଖ୍ୟକ ଟ୍ରେନ ଚଳାଚଳ ଆରମ୍ଭ ହେବାକୁ ଲାଗିଲା। ଭାରତୀୟ ରେଳ ୨୦୨୨ ମସିହାରେ ଭାରତୀୟ ହାଇଡ୍ରୋଜେନ୍ ଫର ହେରିଟେଜ୍ ଅଧୀନରେ ଏହି ପରିଯୋଜନାର ଘୋଷଣା କଲା। ପୁରୁଣା ଚିନ୍ତାଧାରା ଅନୁଯାୟୀ ଭାରତ ଉପରୋକ୍ତ ଦେଶମାନଙ୍କ ମଧ୍ୟରୁ କାହାଠାରୁ ହାଇଡ୍ରୋଜେନ ଚାଳିତ ଟ୍ରେନ କିଣିଥାନ୍ତା। କିନ୍ତୁ ଭାରତ ସେପରି କଲାନାହିଁ। ନିଜ ଟ୍ରେନ ନିଜେ ନିର୍ମାଣ କରିବାର ନିଷ୍ପତ୍ତି ନେଲା। ଚାରିବର୍ଷ ମଧ୍ୟରେ ନିଜେ ନିଜର ହାଇଡ୍ରୋଜେନ ଟ୍ରେନ ନିର୍ମାଣ କରିବାରେ ସଫଳ ହେଲା ଯାହା ଗତ ଶୁକ୍ରବାର ଦିନଠୁ ହରିୟାଣାର ଜିନ୍ଦ - ସୋନିପତ ମଧ୍ୟରେ ଗଡ଼ିବା ଆରମ୍ଭ କରିଛି। ଜର୍ମାନୀ ଠାରୁ ଏହି ଟ୍ରେନ କିଣିଥିଲେ ୭୪୨ କୋଟି ଟଙ୍କା ପୈଠ କରିବାକୁ ପଡ଼ିଥାନ୍ତା। ସମୟ ମଧ୍ୟ ଲାଗିଥାନ୍ତା। କିନ୍ତୁ ଭାରତ ମେକ ଇନ୍ ଇଣ୍ଡିଆ ଟ୍ରେନରେ ୧୧୨ କୋଟି ଖର୍ଚ୍ଚ କରିଛି। ସମୟ ସହିତ ୬୩୦ କୋଟି ଟଙ୍କା ବଞ୍ଚିଛି। ତା'ସହିତ ଭାରତ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ତାର ଏକ ନୂତନ ପରିଚୟ ବି ସୃଷ୍ଟି କରିଛି।

ଏହି ଟ୍ରେନ ସବୁଜ ଫୁଏଲରେ ଚାଲେ। ଏଥିରେ ଡିଜେଲ ବ୍ୟବହୃତ ହୋଇନଥାଏ। ଟ୍ରେନ ନିଜେ ନିଜର ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିଥାଏ। ଏଥିପାଇଁ ହାଇଡ୍ରୋଜେନ ଫୁଏଲ ସେଲ ବ୍ୟବହୃତ ହୁଏ। ଟ୍ରେନ ନିଜ ସାଙ୍ଗରେ ପ୍ରୋଟନ ଏକ୍ସଚେଞ୍ଜ ମେମ୍ରେନ ଫୁଏଲ ସେଲ ନାମକ ଏକ ଛୋଟ ପାୱାର ପ୍ଲାଣ୍ଟ ନେଇଥାଏ। ଟ୍ରେନର ସିଲିଣ୍ଡରଗୁଡିକରେ ହାଇଡ୍ରୋଜେନ ଗଚ୍ଛିତ ଥାଏ। ଏହା ଫୁଏଲ ସେଲ ଭିତରର ଚାରିପାଖର ବାୟୁରୁ ମିଳୁଥିବା ଅମ୍ଳଜାନ ସହ ମିଶିଥାଏ। ଯଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ। ଏହା ଟ୍ରାକ୍ସନ ମୋଟରଗୁଡିକୁ ବୈଦ୍ୟୁତିକ ଶକ୍ତି ପ୍ରଦାନ କରେ। ଚକଗୁଡ଼ିକୁ ବୁଲାଇବାରେ ସାହାଯ୍ୟ କରେ। ଚକ ବୁଲିଲେ ଗାଡ଼ି ଗଡ଼େ। ଏହି ବିଦ୍ୟୁତ ରାସାୟନିକ ପ୍ରକ୍ରିୟାରୁ କେବଳ ଦୁଇଟି ଉପଜାତ ଦ୍ରବ୍ୟ ସୃଷ୍ଟି ହୁଏ। ଜଳୀୟ ବାଷ୍ପ ଏବଂ ଉତ୍ତାପ। ଏଥିରେ କୌଣସି ଦହନ କ୍ରିୟା ହୁଏ ନାହିଁ। ଧୂଆଁ ବାହାରେ ନାହିଁ। କାର୍ବନ ନିର୍ଗମନ ହୁଏନାହିଁ। ଉଦ୍‌ଜାନ ଏକ ଅଣବିଷାକ୍ତ ଗ୍ୟାସ। ତେଣୁ ଏହାରି ଆଖ ପାଖରେ କେହି ରହିଲେ ବିଷାକ୍ତ ହୋଇନଥାନ୍ତି। ଏଭଳି ଟ୍ରେନ ଚଳାଚଳ ଦ୍ୱାରା ସବୁଜ ଅର୍ଥନୀତି ମଜଭୁତ ହୁଏ। ପରିବେଶର ବିନା କ୍ଷତିରେ ସ୍ଥାୟୀ ବିକାଶ ସମ୍ଭବ ହୋଇଥାଏ। ପ୍ରଦୂଷଣ ବୃଦ୍ଧି ପାଇନଥାଏ। ଆଜିକାଲି ସରକାର ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିକଳ୍ପ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଦୃଷ୍ଟାନ୍ତ ସ୍ୱରୂପ ପେଟ୍ରୋଲରେ ଇଥାନଲ ମିଶୁଛି ଯାହା ଚାଉଳ, ଗହମ ଓ ମକାରୁ ପ୍ରସ୍ତୁତ କରାଯାଏ। ଡିଜେଲରେ ୧୫% ଆଇସୋପ୍ୟୁଟୋନଲ ମିଶ୍ରଣର ପ୍ରସ୍ତାବ ରହିଛି। ଇଲେକ୍ଟ୍ରିକ ଗାଡ଼ି ଉତ୍ପାଦନ ଓ ବ୍ୟବହାରରେ ଗୁରୁତ୍ୱାରୋପ କରାଯାଉଛି। ଆସନ୍ତା ୨୦୩୦ ସୁଦ୍ଧା ୩୦% ଗାଡ଼ି ଇଲେକ୍ଟ୍ରୋନିକ କରିବାର ଲକ୍ଷ୍ୟ ରହିଛି। ବିଦ୍ୟୁତ ଉତ୍ପାଦନ ପାଇଁ ପରମାଣୁ ଓ ସୌର ଶକ୍ତି କୋଇଲାର ବିକଳ୍ପ ରୂପେ ବ୍ୟବହୃତ ହେଉଛି। ଯାହାଦ୍ୱାରା କୋଇଲା କମ୍ ଜଳିବ। କମ୍ ଧୂଆଁ ନିର୍ଗତ ହେବ। ପ୍ରଦୂଷଣ କମିବ। କୃଷିକାର୍ଯ୍ୟରେ ଜୈବ ଇନ୍ଧନକୁ ପ୍ରୋତ୍ସାହିତ କରାଯାଉଅଛି। ହାଇଡ୍ରୋଜେନ ଚାଳିତ ଟ୍ରେନ ପର୍ଯ୍ୟାବରଣ ସୁରକ୍ଷାକୁ ଆହୁରି ମଜଭୁତ କରିବ। ହାଇଡ୍ରୋଜେନ ଟ୍ରେନ ଟିକେଟ ଦର ମଧ୍ୟ ଖୁବ୍ ଶସ୍ତା ରହିଛି। ପାଞ୍ଚ ଟଙ୍କାରୁ ପଚିଶ ଟଙ୍କା। ପ୍ଲାଟଫର୍ମ ଟିକଟ ଅପେକ୍ଷା ବି କମ୍। ସମ୍ପ୍ରତି ଭାରତର ୯୮% ରୁ ଅଧିକ ଟ୍ରେନରେ ବିଦ୍ୟୁତିକରଣ ହୋଇ ସାରିଛି। ତେଣୁ ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଆମ ଦେଶ ଉପରେ ତୁଳନାତ୍ମକ ରୂପେ କମ୍ ଅନୁଭୂତ ହେଉଛି। ଭାରତୀୟ ରେଳ ଊନବିଂଶ ଶତାବ୍ଦୀରେ ଷ୍ଟିମ ଓ ବିଂଶ ଶତାବ୍ଦୀରେ ଡିଜେଲ ସାହାଯ୍ୟରେ ଚାଲୁଥିଲା। ଏକବିଂଶ ଶତାବ୍ଦୀରେ ଏଥିପାଇଁ ବିଦ୍ୟୁତ ଶକ୍ତି ଉପଯୋଗ କରାଯାଉଅଛି। ବିଂଶ ଶତାବ୍ଦୀ ଭଳି ପରିସ୍ଥିତି ଥିଲେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ଅବରୁଦ୍ଧର ଭାରତ ଉପରେ ଗଭୀର ପ୍ରଭାବ ପଡନ୍ତା। ଉଦ୍‌ଜାନଚାଳିତ ଟ୍ରେନ ବିକଶିତ କରି ଏବେ ଭାରତ ବିକାଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ ଅତିକ୍ରମ କରିଛି ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଭାରତୀୟ ରେଳ ପାଇଁ ହାଇଡ୍ରୋଜେନ ଟ୍ରେନ କେବଳ ଲାଭଦାୟକ ନୁହେଁ ଏହା ଭାରତର ଆତ୍ମନିର୍ଭରଶୀଳତାର ପରିଚାୟକ।ମେକ ଇନ ଇଣ୍ଡିଆର ମହତ୍ତ୍ୱାକାଂକ୍ଷାକୁ ପ୍ରତିପାଦିତ କରେ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦

ବାହାନା ଧର୍ମେନ୍ଦ୍ର, ଟାର୍ଗେଟରେ ଉପଦ୍ରବ !

ସୌମେନ୍ଦ୍ର ଜେନା

ହିନ୍ଦୁ ବିରୋଧୀ କମେଡିଆନ କାମରା ଭାଷଣରେ କହିଥିଲା ଯେ ସୀତାପତିର ନାମ କହି ନୀତା ପତିର କାମ କଲେ। ଏହାକୁ ଏବେ ସୁପ୍ରିମକୋର୍ଟରେ ଜଣେ ଓକିଲ ଚ୍ୟାଲେଞ୍ଜ କରି କାମରା କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ତେଣେ ସିଜେପିର ଅଭିଜିତ ଦୀପକେ ଏବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବଦଳରେ ସିଧା ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଆଉ ଜଣେ କେଜ୍ରିୱାଲ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ୨

ଯେଉଁ ସମୟରେ ଯନ୍ତରମନ୍ତରରେ ଆନ୍ଦୋଳନ ଜାରିରହିଛି ଠିକ୍ ସେତିକିବେଳେ ସିଆଇଏର ନେଭିସିଲ କମାଣ୍ଡୋ ଥାଇଲାଣ୍ଡରୁ ଶ୍ରୀଲଙ୍କା ଦେଇ ଚୀନ ପାସପୋର୍ଟ ଯୋଗେ ଗୋଆକୁ ଆସିବା, ଭାରତରେ ମାସେ ରହି ଗ୍ରାମୀଣ ମାର୍ଗରେ ନେପାଳର ଖୋଲା ସୀମାକୁ ଅତିକ୍ରମ କରି ଯିବାବେଳେ ଧରାପଡିବା, ଏହା ପୂର୍ବରୁ ମାଥିଉ ଭେନ୍‌ଡାୟେକ ନାମକ ଆମେରିକାର ଅସ୍ଥିରତା ସୃଷ୍ଟିକାରୀ କମାଣ୍ଡୋ ଧରାପଡିବା, ମ୍ୟାନମାରରେ ସନ୍ତ୍ରାସବାଦୀଙ୍କୁ ପ୍ରଶିକ୍ଷଣ ଦେଇ ଭାରତରେ ପ୍ରବେଶ କରିଥିବା ୟୁକ୍ରେନର ୭ଜଣ ଲୋକ ମଣିପୁରରେ ପ୍ରବେଶ କରିବାବେଳେ ଧରାପଡିବା ଘଟଣାରୁ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ସିଆଇଏ ପ୍ରବଳ ଚେଷ୍ଟା ଚଳାଇଥିବା ଜଣାପଡିଛି। ଉତ୍ତର ପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ଆସିଥିବା ଜଣେ ଏଜେଣ୍ଟକୁ ପୂର୍ବରୁ ଢାକାରେ ଆକସ୍ମିକ ହତ୍ୟା କରାଯାଇଥିବା ଘଟଣା ଖବରକାଗଜରେ ପ୍ରକାଶ ପାଇଥିଲା। ବାଂଲାଦେଶ ଓ ନେପାଳର ଅସ୍ଥିରତା ପରେ ଏହା ପଛରେ ଥିବା ସିଆଇଏ ବାହିନୀ ଏବେ ଭାରତରେ ଉପଦ୍ରବ କରାଇବାକୁ ଲାଗିପଡିଛି। ମଣିପୁର ଘଟଣା ପଛରେ ଚର୍ଚ୍ଚ ଗୋଷ୍ଠୀର ହାତଥିବା ଯୋଗୁଁ ଆଜିଯାଏଁ ସମସ୍ୟାର ସମାଧାନ ହୋଇନାହିଁ। ଦିଲ୍ଲୀ ଦରବାରରେ ଓଡିଆ ଲୋକଙ୍କ ପ୍ରାଧାନ୍ୟ ବୃଦ୍ଧି ଅନେକ ଅଣଓଡ଼ିଆଙ୍କ ଗାତ୍ରଦାହର କାରଣ ହୋଇଛି। ଦ୍ରୌପଦୀ ମୁର୍ମୁ, ଶକ୍ତିକାନ୍ତ ଦାସ, ଧର୍ମେନ୍ଦ୍ର ପ୍ରଧାନ, ପିକେ ମିଶ୍ର, ଗିରୀଶ ମୁର୍ମୁ ଆଦି ମୋଦିଙ୍କ ସମୟରେ ଆଗରେ ରହିବାକୁ ଅନେକ ପସନ୍ଦ କରିପାରୁନାହାନ୍ତି। ଅତୀତରେ ଯେମିତି ଏକ ଦିଲ୍ଲୀ ଗୋଷ୍ଠୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ହଟେଇବାକୁ ଲବି କରି ସଫଳ ହୋଇଥିଲେ ଏବେ ଠିକ୍ ସେହିପରି ଢଙ୍ଗରେ ଧର୍ମେନ୍ଦ୍ରଙ୍କୁ ବିରୋଧ କରିବାରେ ଲାଗିପଡିଛନ୍ତି। ଧର୍ମେନ୍ଦ୍ରଙ୍କୁ ବିରୋଧ କରିବାକୁ ଯାଇଥିବା ଲୋକେ ଏବେ ହିନ୍ଦୁମାନଙ୍କୁ ବିରୋଧରେ ସେହି ମଞ୍ଚରେ ସ୍ଲୋଗାନ ଦେଇଛନ୍ତି। ଧର୍ମେନ୍ଦ୍ରଙ୍କୁ ଦଳ ତରଫରୁ ଯେଉଁ ରାଜ୍ୟର ନିର୍ବାଚନ ଦାୟିତ୍ୱ ଦିଆଯାଇଛି, ସବୁଠି ସେ ଦଳ ପାଇଁ ସଫଳତା ଆଣିଛନ୍ତି। ତାଙ୍କ ପେଟ୍ରୋଲିୟମ ମନ୍ତ୍ରିତ୍ୱ କାଳରେ ଓଡିଆ ଲୋକେ ସର୍ବାଧିକ ବିଜ୍ଞାପନ ତାଙ୍କ ବିଭାଗରୁ ପାଇଥିଲେ, ଯାହା ଏକ ରେକର୍ଡ। ସାଂଗଠନିକ କାର୍ଯ୍ୟ କରିବାରେ ତାଙ୍କ ନିଷ୍ଠା ଓ ଦକ୍ଷତା ସମସ୍ତେ ଜାଣିଛନ୍ତି। ନୂତନ ଶିକ୍ଷାନୀତିକୁ ସଫଳତାର ସହ ଦେଶରେ ଲାଗୁ କରିବାରେ ସେ ଯେପରି କାର୍ଯ୍ୟ କରିଛନ୍ତି ତାହା ବେଶ୍ ପ୍ରଶଂସନୀୟ। ତାଙ୍କ କାର୍ଯ୍ୟକାଳରେ ସେ ଓଡିଆ ପାଇଁ ବହୁ ଭଲ କାର୍ଯ୍ୟ କରିଛନ୍ତି। ଅନେକ ଯୁବକଙ୍କୁ ପେଟ୍ରୋଲ ଓ ଗ୍ୟାସ ଏଜେଣ୍ଟ କରି ଅଣ ଓଡିଆଙ୍କ ପାରମ୍ପରିକ ପ୍ରାଧାନ୍ୟକୁ ଦୁର୍ବଳ କରିଛନ୍ତି। ଭୁବନେଶ୍ୱରରେ ଓଡି

ଗୋଲାମୁଣ୍ଡା ବ୍ଲକର ଗୌରବ: ନିଟ୍‌ରେ ୬୧୩ ନମ୍ବର ରଖି ସଫଳ ସିଦ୍ଧାର୍ଥ

ଗୋଲାମୁଣ୍ଡା,୨୦।୭ (ନିପ୍ର); କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉଛୁଛଲା ଗ୍ରାମ ପଞ୍ଚାୟତର ସିଦ୍ଧାର୍ଥ ଶେଖର ଭୋଇ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୬୧୩ ନମ୍ବର ରଖି ଗୋଲାମୁଣ୍ଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଏହି ସଫଳତାକୁ ନେଇ ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି । ସିଦ୍ଧାର୍ଥଙ୍କ ପିତା ସୁଶାନ୍ତ କୁମାର ଭୋଇ ଓ ମାତା ଭାରତୀ ଭୋଇ । ସେ ବରଗଡ଼ସ୍ଥିତ ବିକାଶ ରେ ଅଧ୍ୟୟନ କରି ଉଚ୍ଚମାଧ୍ୟମିକ ପରୀକ୍ଷାରେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ଦୀର୍ଘଦିନର କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ବଳରେ ନିଟ୍ ପରୀକ୍ଷାରେ ୬୧୩ ନମ୍ବର ହାସଲ କରି ନିଜ ଅଞ୍ଚଳର ନାମକୁ ଜାତୀୟସ୍ତରରେ ଉଜ୍ଜ୍ୱଳ କରିଛନ୍ତି ।ସାଦ୍ଧାର୍ଥଙ୍କ ଏହି ଉଲ୍ଲେଖନୀୟ ସଫଳତା ପରେ ଗୋଲାମୁଣ୍ଡା ବ୍ଲକ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ, ସମାଜସେବୀ ଓ ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସିଦ୍ଧାର୍ଥଙ୍କ ଏହି ସଫଳତା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।

ସରିତା ହତ୍ୟାକାଣ୍ଡ ଘଟଣା: ଅଭିଯୁକ୍ତ ପ୍ରେମିକ ସମେତ ୩ କୋର୍ଟଚାଲାଣ

କୁଚିଣ୍ଡା,୨୦।୭ (ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ମହୁଲଗୁଡା ଗ୍ରାମର ଜଣେ ଯୁବତୀଙ୍କୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଛି । ମୃତ ଯୁବତୀ ହେଲେ ସରିତା ସା(୨୪) । ମୃତ ଯୁବତୀଙ୍କ ବାପା ମନୋଜ ସାଙ୍କ ରିପୋର୍ଟ କ୍ରମେ ପୋଲିସ କୁଚିଣ୍ଡା ଥାନାରେ ଦଫା ୧୪୦(୧)/୧୦୩(୧)/୨୩୮ବିଏନଏସ(ନଂ.୧୫୧/୨୬)ରେ ମାମଲା ରୁଜୁ କରିଛି । ପୋଲିସ କୁଚିଣ୍ଡା ସହର ଉପକଣ୍ଠରେ ଥିବା ତେଲିକୁଣ୍ଡାପୋଷିର ଦିବ୍ୟଲୋଚନ ପୃଷ୍ଠେଠଅ ଅନିଲ(୨୭) , ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଏକ ବୋଲେରୋକୁ ପୋଲିସ ଜବତ କରି ଡ୍ରାଇଭର ସୁନ୍ଦରଗଡ଼ ଜିଲ୍ଲା ଧୂରୁଆଡିହି ଥାନା ତିଲେଇମଲଟି ଗ୍ରାମର ଅଶୋକ କିସାନ(୩୦) ଓ ଅନ୍ୟ ଜଣେ ସହଯୋଗୀ ତିଲେଇମାଲତି ଗ୍ରାମର ସୁଭିତ ମାକର(୨୦)କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ମୃତ ଯୁବତୀ ଜଣକ କୁଚିଣ୍ଡା ସହରର ଏକ ବିଉଟି ପାର୍ଲରରେ କାମ କରୁଥିଲେ । ଗତ ଶୁକ୍ରବାର କୁଚିଣ୍ଡାରେ ରଥଯାତ୍ରା ଚାଲିଥିବା ବେଳେ ସରିତା ହଠାତ ନିଖୋଜ ହୋଇଯାଇଥିଲେ । ସେ କୁଚିଣ୍ଡାରେ ଘରଭଡ଼ା ନେଇ ସାଙ୍ଗ ମାନଙ୍କସହ ରହୁଥିଲେ । ହେଲେ ଘରକୁ ନ ଫେରିବାରୁ ସାଙ୍ଗମାନେ ସରିତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରି କୌଣସି ଖବର ନପାଇ ଯୁବତୀଙ୍କ ବାପା ମନୋଜ ସା ଶୁକ୍ରବାର କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ । ଏନେଇ ପୋଲିସ କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କ ସୂଚନା ଆଧାରରେ କୁଚିଣ୍ଡା ପୋଲିସ ବଡ଼ରମା ଜଙ୍ଗଲରୁ ଶନିବାର ସରିତାଙ୍କ ମୃତଦେହ ଉଦ୍ଧାର କରିଥିଲା ।

ଜନଅଭିଯୋଗ ଶୁଣାଣିରେ ଲୋକଙ୍କ ଗୁହାରି ଶୁଣିଲେ ବିଧାୟକ

ପାରଳାଖେମୁଣ୍ଡି,୨୦।୭(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଉଖୁରା ପଞ୍ଚାୟତର ଅନୁକମ୍ପା ଗ୍ରାମ ସହ ବିଭିନ୍ନ ଗ୍ରାମକୁ ରେ ବଡ଼ ଧାରଣର ଜନ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ଯୋଗ ଦେଇ ଲୋକଙ୍କ ସମସ୍ୟା ଶୁଣିଛନ୍ତି । ପର୍ଯ୍ୟାୟ କ୍ରମେ ପ୍ରଥମେ ଉଖୁରା ପଞ୍ଚାୟତ ଅନୁକମ୍ପା ଗ୍ରାମ ସହ ଆଖାପାଖ ଗ୍ରାମ ଜନସାଧାରଣଙ୍କ ସହ ସାକ୍ଷାତ କରି ଅଞ୍ଚଳର ସମସ୍ୟା ନେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା, ଗ୍ରାମ ଭିତ୍ତିକ ସମସ୍ୟା, ରାସନ୍ କାର୍ଡ, ଆବାସ ଗୃହ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳ ସେଚନ, ନାଳ ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଜଣାଇଥିଲେ ଅଞ୍ଚଳବାସୀ । ଏହାର ସମାଧାନ ପାଇଁ ତୁରନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିବା ସହ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିଛନ୍ତି ବିଧାୟକ । ଏସବୁ ମଧ୍ୟରେ ଅଞ୍ଚଳର ରାସ୍ତା ଓ ପୋଲ ନିର୍ମାଣ ହେଲେ ଫଳରେ ପଞ୍ଚାୟତ କାର୍ଯ୍ୟାଳୟକୁ, ସ୍କୁଲ , ଚିକିତ୍ସାଳୟକୁ ଯିବା ଆସିବା ସୁବିଧାର ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଜଣାଇଛନ୍ତି ।

ଜାତୀୟସ୍ତରୀୟ ପରୀକ୍ଷାରେ ଭଦ୍ରକ ପୁଅଙ୍କ ବାଜିମାତ୍ ନିଟ୍ ଓ ନାଇଜର୍‌ରେ ଚମକିଲେ ଶୁଭମ୍

ଭଦ୍ରକ, ୨୦।୭ (ନିପ୍ର); ଜାତୀୟ ସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣି ଭଦ୍ରକ ଜିଲ୍ଲାର ଜଣେ ମେଧାବୀ ଛାତ୍ର ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି । ଜିଲ୍ଲାର ରାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଚାରିଘରିଆ ଗ୍ରାମର ମେଧାବୀ ଛାତ୍ର ଶୁଭମ୍ ସୋନମ୍ ପାତ୍ର ଚଳିତ ବର୍ଷ ପ୍ରତିଷ୍ଠିତ ନିଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଏ.ଆଇ.ଆର୍ ୫୨୨୯ ରାଙ୍କ ହାସଲ କରି ମେଡିକାଲ ଶିକ୍ଷା କ୍ଷେତ୍ରରେ ନିଜର ସ୍ଥାନ ପକ୍କା କରିଛନ୍ତି । ଏହା ସହିତ ସେ ଦେଶର ଅନ୍ୟତମ ପ୍ରତିଷ୍ଠିତ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ନାଇଜର୍ ପରୀକ୍ଷାରେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏ.ଆଇ.ଆର୍ ୨୧୭ ରାଙ୍କ ହାସଲ କରି ନିଜର ଅସାଧାରଣ ପ୍ରତିଭା ପ୍ରତିପାଦିତ କରିଛନ୍ତି । ଜାତୀୟ ସ୍ତରର ଦୁଇ ଦୁଇଟି ବଡ଼ ପରୀକ୍ଷାରେ ଶୁଭମ୍‌ଙ୍କ ଏଭଳି ଦ୍ୱିମୁଖୀ ସଫଳତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାଯୋଗ୍ୟ ଯେ, ଶୁଭମ୍ ହେଉଛନ୍ତି ଚାରିଘରିଆ ଗ୍ରାମର ବୃତ୍ତିରେ ଜଣେ ଜଣାଶୁଣା ଆୟକର ଓ ଜିଏସଟି ଆଡଭୋକେଟ୍ ଭୂପେନ୍ଦ୍ର କୁମାର ପାତ୍ର ଏବଂ ସରକାରୀ ଶିକ୍ଷୟିତ୍ରୀ କେତକୀ ବେହୁରିଆଙ୍କ ସୁପୁତ୍ର । ପିଲାଟି ଦିନରୁ ପାଠପଢ଼ାରେ ମେଧାବୀ ଥିବା ଶୁଭମ୍ ନିଜର ଏହି ସଫଳତାର ଶ୍ରେୟ ନିଜର କଠିନ ପରିଶ୍ରମ, ନିଷ୍ଠା ଏବଂ ପିତାମାତା ଓ ଗୁରୁଜନଙ୍କ ପ୍ରେରଣାକୁ ଦେଇଛନ୍ତି । ପରିବାରରେ ଶିକ୍ଷାଗତ ପରିବେଶ ଏବଂ ଉଭୟ ବାପା-ମାଆଙ୍କ ଉପଯୁକ୍ତ ମାର୍ଗଦର୍ଶନ ତାଙ୍କୁ ଏହି ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଶୁଭମ୍‌ଙ୍କ ଏହି ସଫଳତା ଖବର ପ୍ରକାଶ ପାଇବା ପରେ ଚାରିଘରିଆ ଗ୍ରାମ ସମେତ ସମଗ୍ର ରାନ୍ଦିଆ ପଂଚାୟତରେ ଖୁସିର ପରିବେଶ ସୃଷ୍ଟି ହୋଇଛି ।

'ଗଛ ସାର'ଙ୍କ ପରିବେଶ ସଚେତନତା

ଭାପୁର,୨୦।୭ (ନିପ୍ର):ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଗଛସାର ରୂପେ ପରିଚିତ କଣ୍ଟିଲୋ ଗ୍ରାମର ଆନ୍ତର୍ଯ୍ୟାମୀ ସାହୁ ପେସାରେ ଜଣେ ଶିକ୍ଷକ ରହିଥିଲେ ନିଶା ତାଙ୍କର ବୃକ୍ଷ ରୋପଣ କରି ପରିବେଶକୁ ସନ୍ତୁଳିତ କରିବା ତାଙ୍କର ଦାୟିତ୍ୱବୋଧ । ଅବସର ପରେ ବର୍ତ୍ତମାନ ବୟସର ସାୟାହ୍ନରେ ପହଞ୍ଚିଥିଲେ ମଧ୍ୟ ତାଙ୍କର କର୍ତ୍ତବ୍ୟ ଜାରି ରଖିଛନ୍ତି । ସେ ବୁଲିବୁଲି ବୃକ୍ଷ ରୋପଣ କରିବା ସହିତ ବିଦ୍ୟାଳୟ ମାନଙ୍କରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ତାଙ୍କର ବ୍ରତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ,ଭାପୁର ବ୍ଲକ ପଥରଚକଡା ଗ୍ରାମ ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶ୍ରୀ ସାହୁଙ୍କ ପୌରୋହିତ୍ୟ ରେ ଶିକ୍ଷକ,ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ, ପରିବେଶ ସମ୍ପର୍କିତ ବିଭିନ୍ନ ଫଟୋ ସହାୟତାରେ ପରିବେଶ ସଂକ୍ରାନ୍ତ ବାର୍ତ୍ତା ସମାଜ ପାଇଁ ପ୍ରେରଣ କରିଥିଲେ ।

ସାପ କାମୁଡ଼ା ନିବାରଣ ସଚେତନତା ଶିବିର

ବୁଗୁଡ଼ା,୨୦।୭ (ନିପ୍ର): ଓଡିଶା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ବୁଗୁଡା ଥାନା ବାଲିପଦର ଫାଣ୍ଡି ପରିସରରେ ସାପ କାମୁଡ଼ା ନିରାକରଣ ଓ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ମେଡିକାଲ ଅଫିସର ଡ.ପଦାରବିନ୍ଦ ଷଡଙ୍ଗି, ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ଉପସ୍ଥିତ ଶିବିରାର୍ଥୀଙ୍କୁ ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ , ସାପ କାମୁଡାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଡାକ୍ତରୀ ଚିକିତ୍ସାକୁ ପ୍ରାଧାନ୍ୟ ଦେବା, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ଅବଗତ ପୂର୍ବକ ସଚେତନ କରାଯାଇଥିଲା । ଏଥି ସହ ଶିବିରାର୍ଥୀଙ୍କୁ ସର୍ପାଘାତର ପ୍ରତିକାର ସମ୍ପର୍କିତ ଆବଶ୍ୟକୀୟ ସୂଚନା ଏବଂ ବ୍ୟବହାରିକ ମାର୍ଗଦର୍ଶିକା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପୁରୁଷ ଓ ମହିଳାଙ୍କ ସମେତ ସ୍ନେକ୍ ହେଲ୍ପ ଲାଇନର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ପ୍ରକାଶ ଯୋଗ୍ୟ ଯେ, ବର୍ଷାଋତୁ ଆରମ୍ଭ ହେବା ସହିତ ବୁଗୁଡ଼ା ଥାନା ଅଞ୍ଚଳରେ ସର୍ପାଘାତର ଶିକାର ହୋଇ ସଚେତନତା ଅଭାବରୁ ଅନେକ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ଘଟଣା ସାମ୍ନାକୁ ଆସିଥିବା ବେଳେ ଏଭଳି ସଚେତନତା ଶିବିର ଆୟୋଜନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ଜଣାଯାଇଛି ।

ଶିକରପାଇ ଠାରୁ ସେରିଗୁମା ରାସ୍ତା ପାଲଟିଛି ଯମ ଯନ୍ତ୍ରଣା

ରାୟଗଡା:୨୦/୭(ନି:ପ୍ର)ରାୟଗଡା ଜିଲ୍ଲା ଅନ୍ତର୍ଗତ କଲ୍ୟାଣସିଂପୁର ବ୍ଲକ ସ୍ଥିତ ଶିକରପାଇ ଠାରୁ ସେରିଗୁମା ରାସ୍ତା ପାଲଟିଛି ଯମ ଯନ୍ତ୍ରଣା । ବିଭାଗ ନିଷ୍କ୍ରିୟ ହେତୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦିନକୁ ଦିନ ଯମ ଠାରୁ ଅଧିକ ଯନ୍ତ୍ରଣା ଦାୟକ, ଏଣୁ ଦୁର୍ଘଟଣା ବଢୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ବ୍ଲକର ଶିକର ପାଇ ଠାରୁ ସେରିଗୁମା ପ୍ରାୟ ୧୪ କିମି ରାସ୍ତା ବର୍ତ୍ତମାନ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି କହିଲେ ଭୁଲ ହେବନାହିଁ । ରାସ୍ତା ଆରଡ଼ି ବିଭାଗ ଦ୍ୱାରା ଗତ ମାର୍ଚ୍ଚ ମାସ ପୂର୍ବରୁ ମରାମତି ଓ ପିଚୁ ପଡି ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ତହବିଲରୁ ଖର୍ଚ୍ଚ କରା ଯାଇଥିଲା । କିନ୍ତୁ ଛଅ ମାସ ମଧ୍ୟ ଠିକରୂପେ ଗଲାନାହିଁ । ରାସ୍ତା ସାରା ବଡ଼ ବଡ଼ ଖାଲ ହୋଇ ଯାଇଛି । ମେଟାଲ ଚିପ୍ସ ବାହାରି ପଡିଛି । ଫଳରେ ଖାଲ ସୃଷ୍ଟି ହୋଇଛି ମାଳ ମାଳ । ବର୍ତ୍ତମାନ ବର୍ଷା ଋତୁ ଆସିଥିବାରୁ ରାସ୍ତାର ଖାଲରେ ପାଣି ଜମିରହୁ ଥିବାରୁ ଲୋକେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରୁଛନ୍ତି ତ ଖଣ୍ଡିଆ ଖାବରା ହୋଇ ବିକଳାଙ୍ଗ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି । ଏହିରାସ୍ତା କାର୍ଯ୍ୟ ଆରମ୍ଭରେ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରିଥିବା ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ସେତେବେଳେ ଥିବା ଯନ୍ତ୍ରୀ ଜଣକ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ନେଇ ନଥିଲେ । ଫଳରେ ଲୋକେ ଏବେ ଦୁର୍ଦ୍ଦଶା ଭୋଗୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । ରାସ୍ତା କାର୍ଯ୍ୟରେ ଅତି ନିମ୍ନମାନର କାର୍ଯ୍ୟ କରିଯାଇଥିବା ଠିକାଦାର ଓ ତାଙ୍କୁ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀ ମାଲେ ମାଲ ହୋଇଥିବା ବେଳେ ଲୋକେ କିନ୍ତୁ ଯମ ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛନ୍ତି । ସରକାର ବଦଳିଲା ସରକାରୀ ଅଧିକାରୀ ବଦଳିଲେ କିନ୍ତୁ ଅଧିକାରୀଙ୍କ ଢାଞ୍ଚା ଆଜିଯାଏ ବଦଳି ପାରିନଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏମିତିକି ମରାମତି ଓ ରାସ୍ତା କଡ଼ରେ ମେଟାଲ କଂକ୍ରିଟ ନିର୍ମାଣ ନାମରେ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ମଧ୍ୟ ଅଭିଯୋଗ କରିଛନ୍ତି ଶିକର ପାଇ ଓ ସେରିଗୁମା ପଞ୍ଚାୟତବାସୀ ।ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।ରାସ୍ତା କାର୍ଯ୍ୟ ଯେଉଁ ଯେଉଁ ମାଟିରିଆଲ ଆଉ ଯେତିକି ପରିମାଣରେ ମିଶ୍ରଣ କରିବା ଆବଶ୍ୟକ ତାହାକୁ ଧ୍ୟାନରେ ରଖି ରାସ୍ତା କାମ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି । ଲୋକେ ରାସ୍ତାକାମ ଠିକ ସେ ନହୋଇ ପୁଣି ଖରାପ ହୁଏ ସ୍ୱଳ୍ପ ଦିନରେ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିବା ଅଞ୍ଚଳର ବରିଷ୍ଠ ନାଗରିକମାନେ କହିଛନ୍ତି ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଜପତି ଛାତ୍ରୀଙ୍କ ସଫଳତା

ପାରଳାଖେମୁଣ୍ଡି,୨୦।୭ (ନିପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆସନ୍ତା ଜୁଲାଇ ୨୫ ତାରିଖରେ ସ୍ୱନକ୍ଷତ୍ର ଦିବସ ପାଳନ କରାଯିବ । ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ ରଚନା ଓ ସାଧାରଣ ଜ୍ଞାନ ଭଳି ବିଭିନ୍ନ ସାହିତ୍ୟଭିତ୍ତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଗଜପତି ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ବରିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଗଜପତି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ସୁଶ୍ରୀ ଅର୍ପିତା ନାୟକ, ଦଶମ ଶ୍ରେଣୀର ଛାତ୍ରୀ, ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟ, ରାୟଗଡ଼ା ବ୍ଲକ୍ ।

'କ୍ୟାଚ୍ ଦି ରେନ୍' ସଚେତନତା ଅଭିଯାନ

ରାୟଗଡା,୨୦।୭ (ନିପ୍ର): ଜଳ ସଂରକ୍ଷଣ ଓ ବର୍ଷାଜଳ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରାୟଗଡ଼ ପୌରପରିଷଦ ପକ୍ଷରୁ 'କ୍ୟାଚ୍ ଦ ରେନ୍' ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନର ଅଂଶ ସ୍ୱରୂପ ରାୟଗଡ଼ ପୌରପରିଷଦ ଅଞ୍ଚଳର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ବର୍ଷାଜଳ ସଞ୍ଚୟ ଏବଂ ଜଳ ସଂରକ୍ଷଣ ସମ୍ପର୍କରେ ସଚେତନ କରିବା ପାଇଁ ହୋର୍ଡିଂ ଓ ବ୍ୟାନର ସ୍ଥାପନ କରାଯାଇଛି । ସେହିପରି ପୌରପରିଷଦର କାର୍ଯ୍ୟାଳୟ ପରିସରରେ ସୂଚନାମୂଳକ ଷ୍ଟାଣ୍ଡି ମଧ୍ୟ ସ୍ଥାପନ କରାଯାଇଛି, ବିଭିନ୍ନ ଛକ ମାନଙ୍କରେ ଲାଗିଥିବା ଏଲଇଡି ମାଧ୍ୟମରେ ଏହାର ବହୁଳ ପ୍ରଚାର ପ୍ରସାର କରାଯାଉ ଅଛି ଯାହା ମାଧ୍ୟମରେ ନାଗରିକମାନେ ବର୍ଷାଜଳ ସଞ୍ଚୟର ବିଭିନ୍ନ ପଦ୍ଧତି ଓ ଏହାର ସୁଫଳ ସମ୍ପର୍କରେ ଅବଗତ ହୋଇପାରିବେ । ରାୟଗଡ଼ ପୌର ପରିଷଦର ଅଧ୍ୟକ୍ଷ ପି ମହେଶ ପଟ୍ଟନାୟକ ନାୟକ ସହରବାସୀଙ୍କୁ ନିବେଦନ କରି କହିଛନ୍ତି ଯେ, ବର୍ଷାଜଳର ପ୍ରତ୍ୟେକ ବୁନ୍ଦ ଅମୂଲ୍ୟ ସମ୍ପଦ । ବର୍ଷାଜଳ ସଞ୍ଚୟ ପ୍ରଣାଳୀକୁ ନିଜ ଘର, ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଅବଲମ୍ବନ କରି ଭୂତଳ ଜଳସ୍ତର ବୃଦ୍ଧି, ଜଳ ଅଭାବ ଦୂରୀକରଣ ଏବଂ ପରିବେଶ ସୁରକ୍ଷାରେ ସମସ୍ତେ ସହଯୋଗ କରନ୍ତୁ ।

ମଧ୍ୟସ୍ଥିକୁ ମାଡ଼ମାରି ଲହୁଲୁହାଣ କରିବା ଘଟଣା ଦୁଇ ବର୍ଷ ନଜରବନ୍ଦୀ ରହିବେ ଅଭିଯୁକ୍ତ ଦ୍ୱୟ

ପାରଳାଖେମୁଣ୍ଡି,୨୦।୭ (ନିପ୍ର): ରେଳ ଷ୍ଟେସନ ନିକଟସ୍ଥ ବଟବୃକ୍ଷ ନିକଟରେ ଗାଡି ବନ୍ଧା ପକାଇବା ତଥା ପଇସା ଦେଣ ନେଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚାଲୁଥିବାବେଳେ ମଧ୍ୟସ୍ଥି କରି ଏତଲାକାରୀ ମାଡ଼ ଖାଇବା ତଥା ଲହୁଲୁହାଣ ହେବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି ହୋଇଛି । ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନା

ରାମ ମନ୍ଦିର ଦାନ ଚୋରି ମାମଲା

ରାଜନୀତି କରନି, ସମାଧାନ କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୭: ସୁପ୍ରିମକୋର୍ଟ ସୋମବାର ଉତ୍ତରପ୍ରଦେଶ ସରକାରଙ୍କୁ ଅଯୋଧ୍ୟା ରାମ ମନ୍ଦିରରେ ଦାନର କଥିତ ହଡପ ଯାଞ୍ଚ ଲାଗି ଏକ ଏସଆଇଟି ଗଠନ କରିବାର ସମ୍ଭାବନା ସମ୍ପର୍କରେ ଅବଗତ କରାଇବାକୁ କହିଛନ୍ତି। ସେହିପରି ଆବେଦନକାରୀଙ୍କୁ ଏହି ପ୍ରସଙ୍ଗକୁ ରାଜନୀତିକରଣ ନ କରିବାକୁ ଚେତାବନୀ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ପୀଠ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଆଣିବାକୁ କହିଛନ୍ତି ଯେଉଁଥିରେ ପୋଲିସ ଯାଞ୍ଚ ପୂର୍ବରୁ ଏସଆଇଟି ଯାଞ୍ଚ ହୋଇପାରିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ସ୍ପେଶାଲ ଇନଭେଷ୍ଟିଗେଟିଂ ଟିମ (ଏସଆଇଟି) ଯିଏ ଏଫଆଇଆର ରୁଜୁ ହେବା ପୂର୍ବରୁ ପୁରା ମାମଲାର ଯାଞ୍ଚ କରିଥିଲେ, ତାଙ୍କୁ ସ୍ଥାନୀୟ ପୋଲିସ ବଦଳେ ମାମଲାର ଯାଞ୍ଚ ଅର୍ପଣ କରାଯାଇ ପାରିବ କି ? ସିଜେଆଇ କହିଛନ୍ତି ଯେ କେବଳ ସାବଧାନତା ଅବଲମ୍ବନ ପାଇଁ ଏକ ଶବ୍ଦ, ଦୟାକରୀ ଏହି ପ୍ରସଙ୍ଗର ରାଜନୀତିକରଣ ନ କରନ୍ତୁ। କୋର୍ଟରେ ରାଜନୀତିର ସ୍ଥାନ ନାହିଁ। ଏହା ଅପରାଧର ଏକ ସାଧାରଣ ମାମଲା ଓ ଆମେ କେବଳ ଉଚିତ ଯାଞ୍ଚ ସୁନିଶ୍ଚିତ କରିବାକୁ ଅଛୁ। ପ୍ରାରମ୍ଭରେ ତୁଷାର ମେହେଟ୍ଟା କହିଥିଲେ ଯେ ପୂର୍ବ ଆଦେଶ ଅନୁସାରେ ରାଜ୍ୟ ସରକାର ଏକ ଷ୍ଟାଟସ ରିପୋର୍ଟ ଦାୟର କରିଛନ୍ତି। ସେ କହିଛନ୍ତି ଯେ ମାମଲାର ଯାଞ୍ଚ ଚାଲିଛି। ଏଥିରେ ୮ ଜଣ ଗିରଫ ହୋଇଛନ୍ତି । ମାମଲାରେ ଏହାଠୁ ଅଧିକ କିଛି କହି ପାରିବି ନାହିଁ। ତେବେ କୋର୍ଟ ପଚାରିଥିଲେ ମାମଲାର କଣ ଏସଆଇଟି ଯାଞ୍ଚ ହେଉଛି ? ଏଥିରେ ସୋଲିସିଟର ଜେନେରାଲ କହିଥିଲେ ଯେ କେବଳ ମାମଲାର ସତ୍ୟତା ଜାଣିବା ପାଇଁ ଏସଆଇଟିର ଗଠନ ହୋଇଥିଲା। ଏବେ ଏହାର ଯାଞ୍ଚ ପୋଲିସ ଦ୍ୱାରା କରାଯାଉଛି। ତେବେ ଏସଆଇଟି ଏହା ଏକ ସଂଙ୍କେୟ ଅପରାଧ ବୋଲି ଜାଣିବାକୁ ପାଇଛି। ପୀଠ କହିଛନ୍ତି ଯେ ବରିଷ୍ଠ ଆଇଏଏସ ଅଫିସର ଓ ଲକ୍ଷ୍ନୌ ପୋଲିସ ମହାନିରୀକ୍ଷକ ସେହି ଏସଆଇଟିର ଅଂଶ ଥିଲେ। ଏଣୁ ସେମାନେ ନିରପେକ୍ଷତା ଓ ପାରଦର୍ଶିତା ସୁନିଶ୍ଚିତ କରିବା ଲାଗି ମୁଖ୍ୟ ଯାଞ୍ଚ କରିପାରିବେ ? ତେବେ ପୀଠ କହିଛନ୍ତି ଯେ ସେ ଆଗାମୀ ସୋମବାର ମାମଲାର ଶୁଣାଣି କରିବେ ଓ କିଛି ନିର୍ଦ୍ଦେଶ ଗୃହୀତ କରିବେ। ପୀଠ ଜୁଲାଇ ୧୩ ତାରିଖରେ ଉତ୍ତରପ୍ରଦେଶ ପୋଲିସକୁ ମାମଲାର ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କଥିତ ଦାନ ଚୋରିର ନିରପେକ୍ଷ ଓ ସମୟବଦ୍ଧ ଯାଞ୍ଚ ଦାବି କରୁଥିବା ପିଟିସନ ମାନଙ୍କ ଉପରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ମଧ୍ୟ ଜାରି କରିଥିଲେ।

‘ବନ୍ଦେ ମାତରମ୍’ ଅପମାନ ଉପରେ କଠୋର ହେଲେ ସରକାର

ଗାଇବା ବେଳେ ବିଶୃଙ୍ଖଳା କଲେ ହେବ ୩ ବର୍ଷର ଜେଲ୍ ଦଣ୍ଡ

ନୂଆଦିଲ୍ଲୀ, ୨୦।୭: ଜାତୀୟ ସଂଗୀତ ‘ବନ୍ଦେ ମାତରମ୍’ର ଅପମାନକୁ ଏଣିକି ଏକ ଗୁରୁତର ଅପରାଧ ଭାବେ ବିବେଚନା କରାଯିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ରାଜ୍ୟସଭାରେ ଏକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି । ଏହି ପ୍ରସ୍ତାବିତ ବିଲ୍ରେ ଥିବା ବ୍ୟବସ୍ଥା ଅନୁସାରେ, ଯଦି କୌଣସି ବ୍ୟକ୍ତି ‘ବନ୍ଦେ ମାତରମ୍’ ଗାନକୁ ବାଧା ଦିଅନ୍ତି କିମ୍ବା ଗାନ ହେଉଥିବା କୌଣସି ସଭା ବା ସମାରୋହରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ତାଙ୍କୁ ସିଧାସଳଖ ୩ ବର୍ଷର ଜେଲଦଣ୍ଡ ଭୋଗିବାକୁ ପଡ଼ିବ । ଭାରତର ସ୍ୱାଧୀନତା ସଂଗ୍ରାମରେ ‘ବନ୍ଦେ ମାତରମ୍’ର ଏକ ବିଶେଷ ଏବଂ ଐତିହାସିକ ଭୂମିକା ରହିଛି । ତେଣୁ ଜାତୀୟ ସଙ୍ଗୀତ ‘ଜନ ଗଣ ମନ’ ସହିତ ଏହାକୁ ସମାନ ଭାବେ ସମ୍ମାନିତ କରିବା ଏବଂ ଏହାର ଉପଯୁକ୍ତ ମର୍ଯ୍ୟାଦା ରକ୍ଷା କରିବା ଉପରେ କେନ୍ଦ୍ର ସରକାର ଏହି ବିଲ୍ ମାଧ୍ୟମରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ୧୯୭୧ ମସିହାରେ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ କେବଳ ‘ଜନ ଗଣ ମନ’ ଗାନକୁ ରୋକିବା କିମ୍ବା ବିଭ୍ରାଟ ସୃଷ୍ଟି କରିବା କାର୍ଯ୍ୟକୁ ଅପରାଧ ବୋଲି ବିବେଚନା କରାଯାଉଥିଲା । ମାତ୍ର ବର୍ତ୍ତମାନର ସରକାର ଆଇନର ଏହି ସମାନ ବ୍ୟବସ୍ଥାରେ ଏବେ ‘ବନ୍ଦେ ମାତରମ୍’କୁ ମଧ୍ୟ ଯୋଡ଼ିଛନ୍ତି ।ସୂଚନାଯୋଗ୍ୟ ଯେ, ପୂର୍ବରୁ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ଏହା କେନ୍ଦ୍ର ସରକାରଙ୍କର ଏକ ପରାମର୍ଶ ମାତ୍ର ଏବଂ



ଏହାକୁ ପାଳନ କରିବାରେ ବିଫଳତା କୌଣସି ଆଇନଗତ ଦଣ୍ଡ ସହ ଜଡ଼ିତ ନୁହେଁ । ତେବେ ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀର କିଛି ମାସ ପରେ ହିଁ ସରକାର ଆହ୍ୱନ୍ ମୋଡକୁ ଆସିଛନ୍ତି ଏବଂ ‘ବନ୍ଦେ ମାତରମ୍’ର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ସଂସଦରେ ବିଧିବଦ୍ଧ ଭାବେ ଏହି କଠୋର ଆଇନ ଆଣିଛନ୍ତି ।

ଗ୍ରାହକଙ୍କ ବିନା ଅନୁମତିରେ ସର୍ଭିସ ଚାର୍ଜ ଯୋଡିଲେ

ରେଷ୍ଟୁରାଣ୍ଟ କିମ୍ବା ହୋଟେଲକୁ ଦେବାକୁ ପଡ଼ିବ ଜରିମାନା

ନୂଆଦିଲ୍ଲୀ, ୨୦।୭ :ସର୍ଭିସ ଚାର୍ଜିଂ ମନଇଚ୍ଛା ଯୋଡିଲେ, ଦେବାକୁ ହେବ ଜରିମାନା । ଆପଣ ରେଷ୍ଟୁରାଣ୍ଟ ଏବଂ ହୋଟେଲକୁ ଖାଇବାକୁ ଯାଉଥିଲେ ଆପଣଙ୍କ ପାଇଁ ଏଭଳି ଖବର ବେଶ୍ ଗୁରୁତ୍ୱପୂର୍ଣ୍ଣ । ରେଷ୍ଟୁରାଣ୍ଟ ଏବଂ ହୋଟେଲକୁ ଖାଇବାକୁ ଯାଉଥିଲେ ଆପଣଙ୍କ ବିନା ଅନୁମତିରେ ସର୍ଭିସ ଚାର୍ଜ ଯୋଡୁଥିଲେ ଏବେ ହେବ କାର୍ଯ୍ୟାନୁଷ୍ଠାନ । କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଗ୍ରାହକଙ୍କ ବିଲ୍ ଉପରେ ସେବା ଶୁଳ୍କ ଆଦାୟ କରିବା ବିରୋଧରେ ରେଷ୍ଟୁରାଣ୍ଟଗୁଡ଼ିକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁ ରେଷ୍ଟୁରାଣ୍ଟଗୁଡ଼ିକ ଏପରି କରି ଚାଲିବେ ସେମାନଙ୍କ ବିରୋଧରେ ଜରିମାନା ସମେତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ ପକ୍ଷରୁ ଦେଶର ୪୧ ରେଷ୍ଟୁରାଣ୍ଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏସବୁ ରେଷ୍ଟୁରାଣ୍ଟରେ ଗ୍ରାହକ ସହମତି ବିନା ବିଲ୍‌ରେ ସର୍ଭିସ ଚାର୍ଜର ଯୋଡିବାର ଅଭିଯୋଗ ରହିଛି । ଏହି ବେଆଇନ ଅଭ୍ୟାସ ଜାରି ରଖିଥିବା ରେଷ୍ଟୁରାଣ୍ଟଗୁଡ଼ିକ କେବଳ ଭାରୀ ଜରିମାନା ଦେବାକୁ ହେବ । ଅନେକ ମାମଲାରେ ୫୦ ହଜାର ଯାଏଁ ଜରିମାନା ଲାଗିପାରେ । ଯଦି ସେବା ଶୁଳ୍କ କିମ୍ବା ସମାନ ଶୁଳ୍କ ଗ୍ରାହକଙ୍କ ବିଲରେ ସ୍ୱୟଂଚାଳିତ ଭାବରେ ଯୋଡାଯାଇଛି, ତେବେ ରେଷ୍ଟୁରାଣ୍ଟଗୁଡ଼ିକୁ ସେମାନଙ୍କର ବିଲିଂ ସଫ୍ଟୱେର୍ ପରିବର୍ତ୍ତନ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) କହିବା ପରେ ତାଙ୍କର ମନ୍ତବ୍ୟ ଆସିଛି । ସିସିପିଏ ସେବା ଶୁଳ୍କ ଆଦାୟ କରୁଥିବା ଅଭିଯୋଗ ଆଧାରରେ ଦେଶର ୪୧ଟି ରେଷ୍ଟୁରାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ ହାଇକୋର୍ଟ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ସେବା ଶୁଳ୍କ ଆଦାୟକୁ ନିଷେଧ କରି ସିସିପିଏର ନିର୍ଦ୍ଦେଶାବଳୀକୁ ସମର୍ଥନ କରିଛନ୍ତି । କୋର୍ଟ ଗ୍ରାହକ ନିୟାମକଙ୍କ କ୍ଷମତାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକୁ ଖାରଜ କରିଦେଇଛନ୍ତି ।

ଇରାନୀ ଡ୍ରୋନ୍ ବିସ୍ଫୋରଣରେ ଆମେରିକୀୟ ସୈନିକ ମୃତ

ନୂଆଦିଲ୍ଲୀ, ୨୦।୭: ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଅନୁଯାୟୀ, ଉତ୍ତର ଇରାକରେ ଭୂପତିତ ହୋଇଥିବା ଏକ ଇରାନୀ “ୱାନ୍-ୱେ ଆଟାକ୍ ଡ୍ରୋନ୍”ର ଅବିସ୍ଫୋରିତ ଅଂଶକୁ ନିଷ୍କ୍ରିୟ କରିବା ବେଳେ ଜଣେ ଆମେରିକୀୟ ସୈନିକ ପ୍ରାଣ ହରାଇଛନ୍ତି । ଏହି ଘଟଣାରେ ଆଉ ଜଣେ ସୈନିକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଏହାପୂର୍ବରୁ ଜୋର୍ଡାନରେ ଥିବା ଆମେରିକୀୟ ସେନା ଘାଟି ଉପରେ ଇରାନର ମିସାଇଲ ଏବଂ ଡ୍ରୋନ୍ ଆକ୍ରମଣରେ ଦୁଇ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ଆମେରିକା ଇରାନର ସାମରିକ ଢାଞ୍ଚା, ଡ୍ରୋନ୍ ଲଞ୍ଚ ସାଇଟ୍, ମିସାଇଲ ଭଣ୍ଡାର ଏବଂ କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରି କ୍ରମାଗତ ବାୟୁ ଆକ୍ରମଣ ଜାରି ରଖିଛି ।ଅନ୍ୟପଟେ, ଇରାନ ପକ୍ଷରୁ ମଧ୍ୟ ଆମେରିକାର ମିତ୍ର ଦେଶ ଏବଂ ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟ କରି ଡ୍ରୋନ୍ ଓ ମିସାଇଲ ଆକ୍ରମଣ ଜାରି ରହିଥିବା ଖବର ମିଳିଛି ।

ପୁଞ୍ଚରେ ଭୂସ୍ଖଳନ: ୭ ମୃତ

ଶ୍ରୀନଗର, ୨୦।୭: ବର୍ଷା ପ୍ରଭାବିତ ଜାମ୍ମୁ-କାଶ୍ମୀରରେ ଭୂସ୍ଖଳନ ଯୋଗୁ ସୋମବାର ଏକ ମାଟି ଘର ଭୁଶୁଡ଼ି ପଡ଼ି ସାତ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ଲୋରାନ ଗାଁରେ ହୋଇଥିବା ଏହି ଭୂସ୍ଖଳନରେ ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଅଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶନିବାର ସନ୍ଧ୍ୟାରୁ ପୁଞ୍ଚରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୯ ଜଣଙ୍କର ମୃତ୍ୟୁ ହେଲାଣି। ଛଅ ଜଣ ନିଖୋଜ ଅଛନ୍ତି। ଏକ ପୃଥକ୍ ଅଭିଯାନରେ ଏନଡିଆରଏଫ ଓ ଏସଡିଆରଏଫ୍ ଏବଂ ଭାରତୀୟ ସେନାର ଏକ ମିଳିତ ଦଳ ରାଜୌରୀ ଜିଲ୍ଲାର ନୌସେରା ଅଞ୍ଚଳର ମୁନାୱର ନଦୀରୁ ଏକ ମୃତଦେହ ଉଦ୍ଧାର କରିବା ପାଇଁ ଅପରେସନ ଆରମ୍ଭ କରିଛନ୍ତି।

ୟୁକ୍ରେନ ଛାଡୁଥିବା ଜାହାଜ ଉପରେ ଆକ୍ରମଣ

୪ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୦।୭: ୟୁକ୍ରେନର ଓଡ଼େଶା ବନ୍ଦର ଛାଡୁଥିବା ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ହେବା ଦ୍ୱାରା ୪ ଭାରତୀୟ ନାଗରିକଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟଜଣେ ଗୁରୁତର ଅଛନ୍ତି। ବିଦେଶ ବ୍ୟାପାର ମନ୍ତ୍ରାଳୟ ଅନୁଯାୟୀ ଗିନି-ବିସାଉ ପତାକା ଥିବା ଜାହାଜ ଏମ୍ସି ଗୋଲଡେନ ଲିଓ ଉପରେ ଜୁଲାଇ ୧୯ ତାରିଖ ସନ୍ଧ୍ୟାରେ ଆକ୍ରମଣ ହୋଇଥିଲା। ୫ ଭାରତୀୟଙ୍କ ସମେତ ମୋଟ୍ ୧୭ ଜଣ କ୍ରୁ ସଦସ୍ୟ ଥିବା ଜାହାଜଟି ଓଡ଼େଶା ବନ୍ଦର ଛାଡୁଥିବାବେଳେ ଏହା ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ୪ ଭାରତୀୟଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ଏମ୍ଇଏ ସୋମବାର ଜାରି କରିଥିବା ବିବୃତିରେ କହିଛି। ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ପ୍ରଭାବିତଙ୍କୁ ସହଯୋଗ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଇଡି ଜବତ କରିଥିବା ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ପାଇଁ ଟିଏମସିକୁ ଅନୁମତି ଦେଲେନି ହାଇକୋର୍ଟ

କୋଲକାତା, ୨୦।୭: କୋଲକାତା ହାଇକୋର୍ଟରୁ ମମତା ବାନାର୍ଜୀଙ୍କୁ ସୋମବାର ବଡ଼ ଝଟ୍‌କା ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଜବତ ହୋଇଥିବା ଟିଏମସିର ତିନିଟି ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବାକୁ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍ସି) କୁ ଅନ୍ତରୀଣ ଅନୁମତି ମିଳିନାହିଁ। ପଶ୍ଚିମବଙ୍ଗ ପୁଲିସ ଦ୍ୱାରା ଅଭିଯୋଗ କରାଯାଇଥିବା ଅସତ୍ ଆର୍ଥିକ କାରବାର, ବେଆଇନ ଅର୍ଥ ସଂଗ୍ରହ ଓ ଦଳର କିଛି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସନ୍ଦିଗ୍ଧ ପାଣ୍ଠି ପଠାଇବା ସମ୍ପର୍କରେ ରୁଜୁ ହୋଇଥିବା ଏତଲା ଆଧାରରେ ତଦନ୍ତ ପରିପ୍ରେକ୍ଷୀରେ ଇଡି ତୃଣମୂଳ କଂଗ୍ରେସର ୪୪୦.୪୨ କୋଟି ଟଙ୍କା ସହିତ ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ଏହି ମାମଲାରେ ପକ୍ଷମାନଙ୍କ ଯୁକ୍ତି ଶେଷ ହେବା ପରେ ଜଷ୍ଟିସ୍ କୃଷ୍ଣ ରାଓ ଜୁଲାଇ ୧୩ ତାରିଖରେ ଆବେଦନ ଉପରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ସଂରକ୍ଷିତ ରଖିଥିଲେ। ଅଧିକାରୀଙ୍କ ଅନୁଯାୟୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଥିଲେ ଯେ, ଟିଏମସି ବ୍ୟାଙ୍କ ଆକାଉଣ୍ଟରୁ କେୟାରୱେଲ୍ ଏଭିଏସନ ଇଣ୍ଡିଆ ଲିମିଟେଡ ଓ ଏହାର ସହଯୋଗୀ ସଂସ୍ଥାକୁ ଏପ୍ରିଲ ୨୦୨୩ରୁ ଜୁନ୍ ୨୦୨୬ ମଧ୍ୟରେ ୧୬୦ କୋଟି ଟଙ୍କା ଟ୍ରାନ୍ସଫର୍ କରାଯାଇଛି।

ଖଲିଲ୍ ଅଲ-ହୟା ହମାସର ନୂଆ ମୁଖ୍ୟ

ଗାଜା, ୨୦।୭: ଗାଜାରେ ପୁଣି ଥରେ ଇସ୍ରାଏଲ ଆକ୍ରମଣ ମଧ୍ୟରେ ପାଲେଷ୍ଟାଇନର ଚରମପନ୍ଥୀ ସଙ୍ଗଠନ ହମାସ ବଡ଼ ଘୋଷଣା କରିଛି। ପାଖାପାଖି ଦୁଇ ବର୍ଷର ଅପେକ୍ଷା ପରେ ସୋମବାର ହମାସ ନିଜର ନୂଆ ମୁଖ୍ୟଙ୍କ ନାଁ ଘୋଷଣା କରିଛି। ଖଲିଲ୍ ଅଲ-ହୟାଙ୍କୁ ହମାସର ରାଜନୈତିକ ବ୍ୟୁରୋର ନୂଆ ପ୍ରମୁଖ ବଛାଯାଇଛି। ଦୋହାରେ ଇସ୍ରାଏଲୀ ଆକ୍ରମଣରେ ହୟାଙ୍କ ପୁଅଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିବାର ଦଶ ମାସ ପରେ ତାଙ୍କୁ ଏତେ ବଡ଼ ପଦବୀ ମିଳିଛି। ହମାସର ରାଜନୈତିକ ବ୍ୟୁରୋ ମୁଖ୍ୟ ପଦବୀ ୟାହ୍ୟା ସିନବାରଙ୍କ ମୃତ୍ୟୁ ପରେ ଖାଲି ପଡ଼ିଥିଲା। ସିନବାରକୁ ଇସ୍ରାଏଲ ସେନା ୨୦୨୪ରେ ଗାଜାରେ ହତ୍ୟା କରିଥିଲା। ତା’ ପୂର୍ବରୁ ଜୁଲାଇ ୨୦୨୪ରେ ଇରାନରେ ହମାସର ପୂର୍ବ ରାଜନୈତିକ ମୁଖ୍ୟ ଇସମାଇଲ ହାନିଆଙ୍କୁ ହତ୍ୟା କରାଯାଇଥିଲା। ଅଲ-ହୟା ୧୯୬୦ ମସିହାରେ ଇଜିପ୍ଟ ଶାସନ ସମୟରେ ଗାଜାରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ନାତକ ଡିଗ୍ରି ପାଇଁ ଗାଜାର ଇସଲାମିକ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ, ପରେ ଜୋର୍ଡାନ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ କୋରାନ ଓ ଇସଲାମିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରି ହାସଲ କରିଥିଲେ। ପ୍ରଥମ ବିଦ୍ରୋହ ସମୟରେ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ଅଲ-ହୟା ହମାସରେ ଯୋଗ ଦେଇଥିଲେ।

ମୁଁ ୫୬ ବର୍ଷର ଯୁବକଙ୍କ ବାବଦରେ କହୁନାହିଁ: ମୋଦି



ନୂଆଦିଲ୍ଲୀ, ୨୦।୭: ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ, ପ୍ରଧାନମନ୍ତ୍ରୀ ମୋଦି ରାହୁଲ ଗାନ୍ଧୀଙ୍କ ବୟସକୁ ନେଇ କଟାକ୍ଷ କରିଛନ୍ତି। ସୋମବାର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଏକ ମିଡିଆ ବ୍ରିଫିଂରେ, ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ସ୍କାଏରୁଟ୍ ଏରୋସ୍ପେସ୍ (ଏକ ଘରୋଇ ମହାକାଶ କମ୍ପାନୀ ଯାହା ନିକଟରେ ଭାରତର ପ୍ରଥମ ଘରୋଇ ରକେଟ୍, ବିକ୍ରମ-୧କୁ କକ୍ଷପଥରେ ଉତ୍କ୍ଷେପଣ କରି ଇତିହାସ ରଚିଛି) ର ଦଳର ସଦସ୍ୟମାନଙ୍କର ହାରାହାରି ବୟସ ୨୮ ବର୍ଷ। ତା’ପରେ ସେ ଆହୁରି ମଧ୍ୟ କହିଥିଲେ ସେ କୌଣସି ୫୬ ବର୍ଷୀୟ ଯୁବକଙ୍କ ବିଷୟରେ କହୁନାହାଁନ୍ତି। ଏହା ରାହୁଲ ଗାନ୍ଧୀଙ୍କ ବିଷୟରେ ଏକ ଇଙ୍ଗିତ ଥିଲା, ଯାହାଙ୍କ ବୟସକୁ ଏବେ ୫୬ ବର୍ଷ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଗତ ବର୍ଷ ମୌସୁମୀ ଅଧିବେଶନ ପୂର୍ବରୁ ଜଣେ ଭାରତୀୟ ନାଗରିକ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିଥିଲେ ଏବଂ ନିକଟରେ ଜଣେ ଭାରତୀୟ ଯୁବକ ଷ୍ଟାର୍ଟଅପ୍ ଦ୍ୱାରା ଏକ ଅସାଧାରଣ ସଫଳତା ହାସଲ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନାମ ନ ନେଇ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ କଟାକ୍ଷ କରି କହିଥିଲେ ମୁଁ ୫୬ ବର୍ଷୀୟ ଯୁବକଙ୍କ ବିଷୟରେ କହୁନାହିଁ। ଗତ ଏକ ମାସରେ ଦେଶ ଅନେକ ସଫଳତା ହାସଲ କରିଛି ଯାହା ଦେଶବାସୀଙ୍କୁ ଗୌରବାନ୍ୱିତ କରିଛି। ଏହି ସଫଳତା ଜାତୀୟ, ଆନ୍ତର୍ଜାତୀୟ ଏବଂ ମହାକାଶ କ୍ଷେତ୍ରକୁ ବ୍ୟାପିଛି।

ଆକ୍ଷେପର ଜବାବ ରଖିଲେ ରାହୁଲ

ନୂଆଦିଲ୍ଲୀ, ୨୦।୭ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସୋମବାର ଦିଲ୍ଲୀରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୋଲିସର ବଳ ପ୍ରୟୋଗକୁ ନିନ୍ଦା କରିଛନ୍ତି ଓ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତିହାସର ସବୁଠୁ ଯୁବ-ବିରୋଧୀ ପ୍ରଧାନମନ୍ତ୍ରୀ ଅଟନ୍ତି। ସେ ଏହା ବି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଯୁବବର୍ଗର କଥା ଶୁଣିବା ଆବଶ୍ୟକ ଓ ସେମାନଙ୍କ ଦାବି ମାନିବା ଦରକାର

ସୌମ୍ୟ ହତ୍ୟା ମାମଲା
ଫେରାର ଅଭିଯୁକ୍ତଙ୍କ ବିରୋଧରେ ଜାରିହେବ ୱାରେଣ୍ଟ

କଟକ(ନିପ୍ର): ବାଲିଅନ୍ତା ଭିଡ଼ ହିଂସା ମାମଲାରେ ଆସିଲା ଓମର ଲାଇ ଡିଟେକ୍ସନ ଟେଷ୍ଟ ରିପୋର୍ଟ । ଓମ ସତ କହିଥିବା ସୂଚନା ମିଳିଛି । ଭୁବନେଶ୍ୱର ସ୍ଥିତ ଏସଏଫଏସଏଲରେ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା । ଏହି ମାମଲାରେ ୫ରୁ ୬ ଜଣ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି । ଏହି ମାମଲାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ହେବ ଚାର୍ଜସିଟ । ଫେରାର ଅଭିଯୁକ୍ତଙ୍କ ବିରୋଧରେ ୱାରେଣ୍ଟ ପାଇଁ ଆବେଦନ କରିବ କ୍ରାଇମବ୍ରାଞ୍ଚ । ଏନେଇ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଉଲ୍ଲେଖ ଯୋଗ୍ୟ ଯେ ଗତ ମେ ୭ ତାରିଖରେ ବାଲିଅନ୍ତାର ରାମଚନ୍ଦ୍ରପୁରରେ ଅଭାବନୀୟ ଘଟଣା ଘଟିଥିଲା । ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ ଏବଂ ତାଙ୍କ ବନ୍ଧୁ ଓମ୍ ପ୍ରକାଶ ରାଉତ ବାଇକରେ ଯାଉଥିବା ବେଳେ ଏକ ସ୍କୁଟିରେ ଯାଉଥିବା ଦୁଇଜଣ ଯୁବତୀଙ୍କ ସହ ଧକ୍କା ହୋଇଥିଲା । ଯୁବତୀ ଦ୍ୱୟ ସୌମ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଓ ଆକ୍ରମଣ ଉଦ୍ୟମର ଅଭିଯୋଗ ଆଣିଥିଲେ । ଏହାପରେ ପ୍ରାୟ ୪୦ ରୁ ୫୦ ଜଣ ଉତ୍ତ୍ୟକ୍ତ ଲୋକଙ୍କର ଏକ ଗୋଷ୍ଠୀ ସୌମ୍ୟଙ୍କୁ ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିଲେ । ବାଲିଅନ୍ତା ଭିଡ଼ ହିଂସାରେ ଜିଆରପି କନେଷ୍ଟବଳ ସୌମ୍ୟରଂଜନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା । ସେତେବେଳେ ଘଟଣାସ୍ଥଳରେ ସୌମ୍ୟଙ୍କ ସହ ତାଙ୍କ ସାଙ୍ଗ ଓମ୍ ପ୍ରକାଶ ରାଉତ ଥିଲେ । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ: ୬ ଗିରଫ

ଭୁବନେଶ୍ୱର, (ନି.ପ୍ର): ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦେବାଶିଷ ଓରଫ ହାତି ପ୍ରଧାନ, ରାହୁଲ ନାୟକ ଓରଫ ବାଉନ, ସୁନୀଲ ଓରଫ ସୋମୁ ବିଶ୍ୱାଳ, ସାହିଲ ଓରଫ ଗୁଡୁ ଦିଗାଲ ଓ ସାଗର ଓରଫ କାଳିଆ ବିଶ୍ୱାଳ । ଏମାନଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୋଗକାରୀ ସଚିନ ପ୍ରଧାନ (୨୬)ଙ୍କ ଲିଖିତ ଏତଲା ଆଧାରରେ ମୈତ୍ରୀ ବିହାର ଥାନାରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ତା ୦୩.୦୭.୨୦୨୬ ରାତି ପ୍ରାୟ ୧୦.୪୫ ସମୟରେ ଅଭିଯୁକ୍ତ ଗୁନୁ ଓରଫ କେ. କମଲଦେବ ରାଓ, ଓମ ସାହୁ ଏବଂ ସାଗର ଓରଫ କାଳିଆ ବିଶ୍ୱାଳ ଜନତା ନଗର ପୂଜା ମଣ୍ଡପ ନିକଟରେ ଅଭିଯୋଗକାରୀ ସଚିନ ପ୍ରଧାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ । ପରବର୍ତ୍ତୀ ଦିନ ଅର୍ଥାତ୍ ୦୪.୦୭.୨୦୨୬ ଅପରାହ୍ନ ପ୍ରାୟ ୩.୦୦ ରୁ ୩.୩୦ ମଧ୍ୟରେ ଉକ୍ତ ଅଭିଯୁକ୍ତମାନଙ୍କ ସହ ଦେବାଶିଷ ଓରଫ ହାତି ପ୍ରଧାନ, ରାହୁଲ ନାୟକ ଓରଫ ବାଉନ, ସୁନୀଲ ଓରଫ ସୋମୁ ବିଶ୍ୱାଳ, ସାହିଲ ଓରଫ ଗୁଡୁ ଦିଗାଲ ଓ ସାଗର ଓରଫ କାଳିଆ ବିଶ୍ୱାଳ ମିଳିତ ଭାବେ ଜନତା ନଗର ପୂଜା ମଣ୍ଡପ ନିକଟରେ ଅଭିଯୋଗକାରୀଙ୍କୁ ଘେରି ଧାରୁଆ ଅସ୍ତ୍ର ପ୍ରଦର୍ଶନ କରି ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଗୁନୁ ଓରଫ କେ. କମଲଦେବ ରାଓ ଏକ ଲମ୍ବା ଖଣ୍ଡାରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ବେଳେ ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କ ଡାହାଣ କାନ୍ଧରେ ଗଭୀର କଟା ଆଘାତ ଲାଗିଥିଲା । ଅନ୍ୟ ଅଭିଯୁକ୍ତମାନେ ମଧ୍ୟ କାଠ ବାଡ଼ି, ଲାତ, ମୁଥ ଓ ଅନ୍ୟାନ୍ୟ ଉପାୟରେ ତାଙ୍କୁ ମାଡ଼ ମାରିଥିଲେ । ଘଟଣା ସମୟରେ ଅଭିଯୋଗକାରୀଙ୍କୁ ଉଦ୍ଧାର କରିବାକୁ ଆସିଥିବା ଲୋକମାନଙ୍କୁ ମଧ୍ୟ ଧମକ ଦେଇ ଘଉଡ଼ାଇ ଦେଇଥିଲେ ଏବଂ ଅଭିଯୋଗକାରୀଙ୍କ ଭଉଣୀଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ କରିଥିଲେ । ସମସ୍ତ ଅଭିଯୁକ୍ତ ମାରଣାସ୍ତ୍ର ପ୍ରଦର୍ଶନ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ହତ୍ୟା କରିବାର ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତଦନ୍ତ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଆଜି ତା ୨୦.୦୭.୨୦୨୬ ରେ ପୁରୀ ସମୁଦ୍ରକୂଳ ଅଞ୍ଚଳରେ ଚଢ଼ାଉ କରାଯାଇ ଅଭିଯୁକ୍ତ ଗୁନୁ ଓରଫ କେ. କମଲଦେବ ରାଓ, ଓମ ସାହୁ, ଦେବାଶିଷ ଓରଫ ହାତି ପ୍ରଧାନ, ରାହୁଲ ନାୟକ ଓରଫ ବାଉନ, ସୁନୀଲ ଓରଫ ସୋମୁ ବିଶ୍ୱାଳ ଏବଂ ସାହିଲ ଓରଫ ଗୁଡୁ ଦିଗାଲଙ୍କୁ ଗିରଫ କରାଯାଇଥିଲା । ଗିରଫ ପରେ ଅଭିଯୁକ୍ତ ଗୁନୁଙ୍କ ହେପାଜତରୁ ଗୋଟିଏ ଲମ୍ବା ଖଣ୍ଡା ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ଗୁନ ବିରୋଧରେ ମୈତ୍ରୀ ବିହାର ଥାନାରେ ୪ଟି ପୂର୍ବ ମାମଲା ରହିଥିବା ବେଳେ ଅଭିଯୁକ୍ତ ଦେବାଶିଷ ପ୍ରଧାନଙ୍କ ବିରୋଧରେ ମୈତ୍ରୀ ବିହାର ଥାନାରେ ୧ଟି ପୂର୍ବ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି । ସଂଗୃହୀତ ପ୍ରମାଣ ଆଧାରରେ ଉକ୍ତ ଛଅଜଣ ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଛି ।

ବାଲି ଉଠାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ

କଟକ(ନିପ୍ର): ବାଲି ମାଫିଆଙ୍କୁ ସତର୍କ ବାଣୀ । ବାଲି ଉଠାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଟକ ଜିଲ୍ଲାପାଳଙ୍କ ତାଗିଦ୍ କରିଛନ୍ତି । କେବଳ ଲଘୁ ଖଣିଜ ସମ୍ପଦ ପାଇଁ ଉଦ୍ଦିଷ୍ଟ ଓ.ଏମ.ଏମ.ସି ନିୟମାବଳୀ ନୁହେଁ, ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ମଧ୍ୟ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ନିଆଳି ଅଞ୍ଚଳରେ ସାମ୍ନାକୁ ଆସିଥିବା ଏହି ସମ୍ପର୍କିତ ଏକ ଘଟଣାରେ ରାଜସ୍ୱ, ଖଣି ଏବଂ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ । ବାରଣ ସତ୍ତ୍ୱେ ଯଦି କେଉଁ ବାଲିଘାଟରେ ବାଲି ଉଠୁ ଥାଏ ତେବେ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଅପିଲ କଲେ ଜିଲ୍ଲାପାଳ । ନଦୀ ଜଳସ୍ତର ବୃଦ୍ଧି ସମୟରେ ବାଲିଘାଟ ଗୁଡିକରୁ ବାଲି ଉଠାଇବା ପାଇଁ ପୂର୍ବରୁ ବାରଣ କରିଛି କଟକ ଜିଲ୍ଲା ପ୍ରଶାସନ ।

ଅବକାରୀ ବିଭାଗର ଚଢ଼ାଉ
୧୧ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଆସାମୀ ଗିରଫ

ଜଟଣୀ,(ନିପ୍ର): ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଭ୍ରାମ୍ୟମାଣ ନିରୀକ୍ଷିକା ମାନସି ନାୟକଙ୍କ ନେତୃତ୍ୱରେ ଜଟଣୀ ସହରାଞ୍ଚଳରେ ଚଢ଼ାଉ କରାଯାଇ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ଲିପୁନୀ ଦାସ ଓରଫ ମିଲୁ (୨୫)ଙ୍କ ହେପାଜତରୁ ୧୧୦ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଛି । ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ହେବ ବୋଲି ସବ ଇନ୍ସପେକ୍ଟର ସୁଜିତ କୁମାର ମୁଦୁଲି କହିଛନ୍ତି । ଏହି ସମ୍ପର୍କରେ ଅବକାରୀ ଥାନାରେ ୧୪୫/୨୦୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅନ୍ୟ ମାନଙ୍କ ମଧ୍ୟରେ ଏଏସ୍ଆଇ ସଞ୍ଜୟ କୁମାର ରାଉତ, ବିକାଶ ଚନ୍ଦ୍ର ରାଉତ, ଅଶେଷ କୁମାର ପ୍ରଧାନ ଏବଂ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ ।

ଚିକିତ୍ସାରେ ଅବହେଳା / ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରବଳ ହଙ୍ଗାମା

କାଶୀନଗର(ନିପ୍ର): କାଶୀନଗର ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବର୍ତମାନ ଘୋର ଅବ୍ୟବସ୍ଥା ଥିବା ପାରିଲିକ୍ଷିତ ହେଉଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ମେଡିକାଲ ଅଫିସର ଜଣେ ଅନଭିଜ୍ଞ ହୋଇ ଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ଠିକ ଭାବେ ପରିଚାଳନା ହୋଇ ପାରୁନି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାପ କାମୁଡ଼ାରେ ପୀଡିତ ହୋଇ ଜଣେ ଚିକିତ୍ସା ପାଇଁ ଆସିବାରୁ ତାଙ୍କୁ ଆଣ୍ଟି ସ୍ନେକ ବାଇଟ ଇଞ୍ଜେକ୍ସନ ନ ଦେଇ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ନ ଦେଇ ସମସ୍ତଙ୍କୁ ଏମିତି ଅବହେଳା କରୁଥିବା ଅଭିଯୋଗ ଆଣି ଆଜି ସ୍ୱାସ୍ଥ୍ୟ କେନ୍ଦ୍ରକୁ କିଛି ଲୋକ ଘେରାଉ କରିବା ସହ ପ୍ରବଳ ହଟଗୋଳ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଏଭଳି ଅପ୍ରିତିକର ପରିସ୍ଥିତିକୁ ଦେଖି କାଶୀନାଥ ଥାନା ଅଧିକାରୀ ତୁରନ୍ତ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ । କାଶୀନଗର ସ୍ୱାସ୍ଥ୍ୟ କେନ୍ଦ୍ରର ଏଭଳି ଚରମ ଅବହେଳା ପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ଦେଇଥିଲେ ।

ମାରଣାସ୍ତ୍ରରେ ଭୟଭୀତ କରାଇ ୫୦ହଜାର ଲୁଟ

ପିପିଲି (ନିପ୍ର): ବଳଙ୍ଗା ବଜାରରେ ଜଣେ ଯୁବକଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ଅଭିଯୁକ୍ତ ବାପ ପୁଅ ୫୦ହଜାର ଟଙ୍କା ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ୧୧୮/୨୬ ରେ ମାମଲା ରୁଜୁ କରାଯାଇ ଘଟଣାର ସତ୍ୟତା ନେଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ନୁଆଗୋପାଳ ପୁର ବସ୍ତିର ରାଜେଶ ସାହା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବଳଙ୍ଗା ବଜାରରେ ଥିବା ତାଙ୍କ ଜାଗାରେ ମଟନ ଦୋକାନ ପାଇଁ ରାଜେଶ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିଲା ବେଳେ ଏହି ଥାନା ଅନ୍ତର୍ଗତ ଉଛୁପୁର ଶେରଗଡ ବସ୍ତିର କବୁ ଖାଁ ଓ ତାଙ୍କ ପୁଅ ରାଜା ଖାଁ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ରାଜେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରେ ମାରିଦେବାର ଧମକ ଦେଇ ରାଜେଶଙ୍କ ଠାରୁ ୫୦ହଜାର ଟଙ୍କା ଲୁଟି ନେଇଥିଲେ ବୋଲି ରାଜେଶ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

ମଦ ପିଇ ପତ୍ନୀକୁ ଆକ୍ରମଣ ଓ ହତ୍ୟା ଉଦ୍ୟମ

ପିପିଲି(ନିପ୍ର): ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଶାସନ ଗ୍ରାମରେ ନିଶାସକ୍ତ ସ୍ୱାମୀ ପତ୍ନୀକୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ପୋଲିସ ପକ୍ଷରୁ ୧୧୭/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ବାଲିଆ ଶାସନ ଗ୍ରାମର ମହେଶ୍ୱର ଖଟୋଇଙ୍କ ପତ୍ନୀ ପୂଜା ଖଟୋଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୪ମାସ ତଳେ ମହେଶ୍ୱର ମଦ୍ୟପାନ କରି ପତ୍ନୀ ପୂଜାକୁ ମାରପିଟ କହିବାରୁ ପୂଜା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଥାନାକୁ ଡ଼ାକି ଉଭୟଙ୍କ ମଧ୍ୟରେ ସମାଧାନ କରିବା ସହ ଭବିଷ୍ୟତରେ ମହେଶ୍ୱର ପୂଜାଙ୍କୁ ମାରପିଟ କରିବେନି ବୋଲି ଥାନାରେ ପ୍ରତିଶ୍ରୁତି ଦେଇଥିଲେ । ସେଠାରୁ ଆସି ମହେଶ୍ୱର ବାହାରକୁ କାମ କରିବା ପାଇଁ ଯାଇଥିଲେ । ତେବେ ଗତ ଶନିବାର ରାତିରେ ପୂଜା ଓ ତାଙ୍କର ୨ପୁଅ ଝିଅ ଘରେ ଥିଲା ବେଳେ ମହେଶ୍ୱର ନିଶାଗ୍ରସ୍ତ ଅବସ୍ଥାରେ ଘରେ ପହଞ୍ଚି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ ମାରିଥିଲେ । ପୂଜା ପ୍ରତିବାଦ କରିବାରୁ ମହେଶ୍ୱର ହାତରେ ଧରିଥିବା ହେଲମେଟରେ ପୂଜାଙ୍କୁ ଆକ୍ରମଣ କରି ଗଳାଚିପି ହତ୍ୟା ଉଦ୍ୟମ କରିଥିଲା । ପାଟି ଶୁଣି ପଡୋଶୀମାନେ ଆସିବାରେ ଆସାମୀ ମହେଶ୍ୱର କଟୁରୀରେ ହାଣି ହତ୍ୟା କରିବାକୁ ଧମକ ଦେଇ ପଳାଇ ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଜଙ୍ଗଲରୁ ଧରାପଡ଼ିଲେ ୪ ବ୍ରାଉନ୍ ସୁଗାର୍ ସପ୍ଲାୟର ଓ ୨ ପେଡ୍‌ଲର
୩୪ ଗ୍ରାମ ବ୍ରାଉନ ସୁଗାର, ନଗଦ ୫୦ ହଜାର ଟଙ୍କା, ବାଇକ୍ ଜବତ୍

ଯୋଡ଼ା(ନିପ୍ର): ବଡବିଲ ପୋଲିସର ବଡ଼ ସଫଳତା । ଆନ୍ତଃରାଜ୍ୟ ବ୍ରାଉନ ସୁଗାର ଚୋରାଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ କରି ୬ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩୪ ଗ୍ରାମ ବ୍ରାଉନ ସୁଗାର, ନଗଦ ୫୦ ହଜାର ଟଙ୍କା, ବାଇକ୍ ଓ ମୋବାଇଲ ଫୋନ୍ ଜବତ୍ ହୋଇଛି । ସୂଚନା ଅନୁଯାୟୀ, ଗତକାଲି ଏସ୍ଆଇ ଦେବାଶିଷ ରାଉଳଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଭଦ୍ରାସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ମୁଣ୍ଡାସାହି ଜଙ୍ଗଲ ଅଞ୍ଚଳରେ ବ୍ରାଉନ ସୁଗାର ବ୍ୟବସାୟ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ପରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ୪ ଜଣ ସନ୍ଦିଗ୍ଧଙ୍କୁ ପୋଲିସ୍ କାବୁ କରି ସେମାନଙ୍କ ନିକଟରୁ ୩୪ ଗ୍ରାମ ବ୍ରାଉନ ସୁଗାର, ନଗଦ ୫୦ ହଜାର ଟଙ୍କା, ଏକ ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଥିଲା । ପରବର୍ତ୍ତୀ ତଦନ୍ତରେ ଏହି ରାକେଟ୍ ସହ ସମ୍ପୃକ୍ତ ୨ ଜଣ ପେଡଲରଙ୍କୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ଅଭିଯୁକ୍ତମାନେ ରହି ଥିବାରୁ ଏହା ଏକ ଆନ୍ତଃରାଜ୍ୟ ରାକେଟ୍ ଥିବା ସ୍ପଷ୍ଟ ହୋଇଛି । ଗିରଫ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ବ୍ରାଉନ୍ ସୁଗାର୍ ସପ୍ଲାୟର ହେଲେ ସମିମ୍ ଆଖତର, ମେହେବୁବ ଶେଖ, ଯୋରାଜ ଶେଖ, ଏମଡି ତୋହିଦ୍ ଓ ୨ ପେଡ଼ିଲର ହେଲେ ମୋହମ୍ମଦ ରାମିଜ ରାଜା, ସଫିକୁଲ ଶେଖ୍ । ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଏହି ନିଶା ଦ୍ରବ୍ୟର ଉତ୍ସ ଓ ଏହି ରାକେଟ୍ ସହ ଜଡିତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ୍ ତଦନ୍ତ ଜାରି ରଖିଛି ।

ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

ହିଞ୍ଜିଳିକାଟୁ, (ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ମକରଝୋଳ ଛକ ନିକଟରେ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣଙ୍କ ହେଲେ ହିଞ୍ଜିଳି ଥାନା ମୋହନାପଲ୍ଲୀ ଗ୍ରାମର ଆଦିତ୍ୟ କୁମାର ବେହେରା (୩୮) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଯେ, ଯୁବକ ଜଣଙ୍କ ସୋମବାର ସନ୍ଧ୍ୟାରେ ବାଇକ୍ (ଓଆର୦୨ବିଇ ୯୭୯୩) ଯୋଗେ ହିଞ୍ଜିଳିକାଟୁ ଠାରୁ ଗ୍ରାମକୁ ଫେରୁଥିଲେ । ମକରଝୋଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ମଧ୍ୟସ୍ଥ ଡିଭାଇଡରକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ । ଆହତ ଯୁବକ ଜଣଙ୍କ ପ୍ରଚୁର ମଦ୍ୟପାନ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ । ମଦ ନିଶାରେ ଗାଡି ଚଲାଉଥିବା ବେଳେ ଦୁର୍ଘଟଣା ଘଟିଥିବା ପୁଲିସ ସନ୍ଦେହ କରିଛି ।

ମୋବାଇଲ ଲୁଟେରା ଧରାପଡିଲା

ଭୁବନେଶ୍ୱର,(ନି.ପ୍ର): ବସ୍‌କୁ ଅପେକ୍ଷା କରିଥିବା ବେଳେ ଜଣେ ଯାତ୍ରୀଙ୍କ ଠାରୁ ମୋବାଇଲ ଲୁଟ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମହମ୍ମଦ ସୟମ ଅଲ୍ଲୀ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତକାଲି ସକାଳ ପ୍ରାୟ ୮.୦୦ ସମୟରେ ଅଭିଯୋଗକାରୀ ରତ୍ନାକର ପୂର୍ତ୍ତି ମାଷ୍ଟର କ୍ୟାଣ୍ଟିନଆମ ବସ୍ ଷ୍ଟପ୍ ନିକଟରେ ବସ୍‌କୁ ଅପେକ୍ଷା କରିଥିବା ସମୟରେ ନିଜ ମୋବାଇଲ ଫୋନରେ କଥା ହେଉଥିଲେ । ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ହଠାତ୍ ପଛପଟୁ ଆସି ତାଙ୍କୁ ଠେଲି ତଳେ ପକାଇ ତାଙ୍କ ହାତରୁ ମୋବାଇଲ ଫୋନ ଛଡ଼ାଇ ନେଇ ରେଲୱେ ଷ୍ଟେସନ ପାର୍ଶ୍ୱକୁ ଯାଇ ଫେରାର ହୋଇଯାଇଥିଲେ । ଅଭିଯୋଗକାରୀ ଚିତ୍କାର କରି ସାହାଯ୍ୟ ମାଗିଥିଲେ ମଧ୍ୟ ସକାଳ ସମୟ ହୋଇଥିବାରୁ ଏବଂ ଜନସାଧାରଣଙ୍କ ଉପସ୍ଥିତି କମ୍ ଥିବାରୁ ତୁରନ୍ତ ସହାୟତା ମିଳିପାରିନଥିଲା । ପରବର୍ତ୍ତୀ ତଦନ୍ତ ସମୟରେ ଚୋରି ହୋ

ଛାତ୍ର ଆନ୍ଦୋଳନ ଓ ସୋନମ ୱାଙ୍ଗଚୁକଙ୍କୁ ସମର୍ଥନ ଜଣାଇ

ଭୁବନେଶ୍ୱରରେ ବାମପନ୍ଥୀ ଦଳର ଗଣବିକ୍ଷୋଭ

ଭୁବନେଶ୍ୱର,୨୦।୭: ଦିଲ୍ଲୀର ଯନ୍ତର ମନ୍ତରରେ ଚାଲିଥିବା ସର୍ବଭାରତୀୟ ଛାତ୍ର ଆନ୍ଦୋଳନ ଏବଂ ସୋନମ ୱାଙ୍ଗଚୁକଙ୍କ ଅନଶନ ପ୍ରତି ସମର୍ଥନ ଜଣାଇ ସୋମବାର ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସି.ପି.ଆଇ., ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍-ଏଲ୍) ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ୍ ବ୍ଲକ ପକ୍ଷରୁ ଏକ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ଦେଶର ଶିକ୍ଷା ବ୍ୟବସ୍ଥା ଆଜି ଗଭୀର ସଙ୍କଟ ମଧ୍ୟରେ ରହିଛି। ନିଟ୍ ସମେତ ବିଭିନ୍ନ ଜାତୀୟ ପ୍ରବେଶିକା ପରୀକ୍ଷାରେ ଲଗାତାର ଅନିୟମିତତା, ଏନ୍.ଟି.ଏ.ର ଚରମ ବିଫଳତା ଏବଂ ଶିକ୍ଷାର ବାଣିଜ୍ୟୀକୀକରଣ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରିଦେଇଛି। ବିକ୍ଷୋଭରେ ଦିଲ୍ଲୀରେ ଛାତ୍ରମାନଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ବଳ ପ୍ରୟୋଗ କରି ଦମନ କରିବାର ଉଦ୍ୟମକୁ ତୀବ୍ର ନିନ୍ଦା କରାଯାଇଥିଲା। ଗଣତାନ୍ତ୍ରିକ ଅଧିକାର ପ୍ରୟୋଗ କରି ନିଜ ଦାବି ଉପସ୍ଥାପନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦମନମୂଳକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ସରକାର ସେମାନଙ୍କ ଯଥାର୍ଥ ଦାବିଗୁଡ଼ିକର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ୍ ବୋଲି ବକ୍ତାମାନେ ଦାବି କରିଥିଲେ। ଚାରି ବାମପନ୍ଥୀ ଦଳ ଦାବି କରିଛନ୍ତି ଯେ, ଭାରତର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅରାଜକତା ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ। ଏନ୍.ଟି.ଏ.କୁ ବିଲୋପ କରାଯାଇ ନିଟ୍ ସମେତ ସମସ୍ତ ଜାତୀୟ ପ୍ରବେଶିକା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ଜବାବଦେହିତା ସୁନିଶ୍ଚିତ କରାଯାଉ। ଏନ୍.ଟି.ଏ.ର ବିଫଳତାର ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଛାତ୍ରବିରୋଧୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତ୍ୟାହାର କରାଯାଉ। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଓ ସଂସ୍ଥାଗତ ମୃତ୍ୟୁ ପାଇଁ ଦାୟୀ ସମସ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଉ। ଶିକ୍ଷାର ବାଣିଜ୍ୟୀକୀକରଣ ବନ୍ଦ କରି ସମସ୍ତଙ୍କ ପାଇଁ ସମାନ, ଗୁଣାତ୍ମକ, ବୈଜ୍ଞାନିକ ଓ ସୁଲଭ ଶିକ୍ଷା ସୁନିଶ୍ଚିତ କରିବା ସହ ଛାତ୍ରଛାତ୍ରୀଙ୍କ ମାନସିକ ସୁରକ୍ଷା, ମର୍ଯ୍ୟାଦା ଓ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଚାରି ବାମପନ୍ଥୀ ଦଳ ଓଡ଼ିଶା ସରକାରଙ୍କୁ ମଧ୍ୟ ସମାନ ଭାବରେ ଦାୟୀ କରି କହିଛନ୍ତି ଯେ, ରାଜ୍ୟରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ ଏକ ଗୁରୁତର ଅବହେଳା ଓ ଛାତ୍ରସମାଜ ପ୍ରତି ଅନ୍ୟାୟ। ଏଥିପାଇଁ ଦାୟୀ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ସହ ତ୍ରୁଟିମୁକ୍ତ ସଂଶୋଧିତ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଅତିଶୀଘ୍ର ପ୍ରଚଳନ କରାଯିବା ଉଚିତ। ବିକ୍ଷୋଭ କାର୍ଯ୍ୟକ୍ରମରେ ସି.ପି.ଆଇ. ରାଜ୍ୟ ସମ୍ପାଦକ ଡଃ. ପ୍ରଶାନ୍ତ କୁମାର ମିଶ୍ର, ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ ପକ୍ଷରୁ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ୍ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସମେତ ରାମକୃଷ୍ଣ ପଣ୍ଡା, ଅଳି କିଶୋର ପଟ୍ଟନାୟକ ପ୍ରମୁଖ ବରିଷ୍ଠ ଜାତୀୟ ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଉଦ୍‌ବୋଧନ ଦେବା ସହ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ସନ୍ତରଣ ଚାମ୍ପିଅନସିପ୍‌ରେ କିଟ୍ ଓ କିସ୍‌ର ଉତ୍କର୍ଷ ପ୍ରଦର୍ଶନ

ଭୁବନେଶ୍ୱର,୨୦।୭: ୬୬ତମ ଓଡ଼ିଶା ରାଜ୍ୟ ସବ୍ ଜୁନିୟର ଓ ଜୁନିୟର ସନ୍ତରଣ ଚାମ୍ପିଅନସିପ୍-୨୦୨୬ରେ କିଟ୍ ଓ କିସ୍‌ର ଖେଳାଳି ମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ୨୦ରୁ ୨୨ ଜୁଲାଇ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଆକ୍ୱାଟିକ୍ ସେଣ୍ଟରଠାରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ କୃତୀ ସନ୍ତରଣକାରୀ ମାନେ ୧୫ ମେଡାଲ ପାଇଥିଲେ। ତାହା ମଧ୍ୟରୁ ୪ଟି ସ୍ୱର୍ଣ୍ଣ ହୋଇଥିବା ବେଳେ ୬ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ। ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ଅଙ୍କିତ କହଁର, ୨୦୦ ମିଟର ବ୍ରେଟ ଷ୍ଟ୍ରୋକ୍‌ରେ ଅଞ୍ଜଳି ମଲ୍ଲିକ, ୪ଗ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେ ଗ୍ରୁପ୍-ଏ ବାଳକ ବିଭାଗରେ ରାଜୁ କିଷାନ, ଗୋପୀନାଥ ହେମ୍ବ୍ରମ, ମଙ୍ଗଳ ଟୁଡୁ ଓ ରୋହିତ ଭଟରା ଏବଂ ୪ଗ୨୦୦ ମିଟର ଫ୍ରିଷ୍ଟାଇଲ ରିଲେ ଗ୍ରୁପ୍-ବି ଟିମ୍‌ରେ ଛାତ୍ରୀ ଅଞ୍ଜଳି ମୁଣ୍ଡା, ଅଞ୍ଜଳି ମଲ୍ଲିକ, ଶୁଭସ୍ମିତା ବାଇପାଇ ଓ ଶ୍ରୀୟା ପଡିଆମାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଅଞ୍ଜଳି ମୁଣ୍ଡା, ଅଙ୍କିତ କହଁର, ଖୁସି ଚଟାର, ନିବେଦିତା ଦଳେଇ ଓ ସାମୁ କିରିଆଙ୍କୁ ରୌପ୍ୟ ମେଡାଲ ମିଳିଛି। ସେହିପରି ଖୁସି ଚାଟାର, ଶ୍ରୀୟା ପଡିଆମି, ନିର୍ବାଚନୀ ମାଝୀ, ବବିନା ନାୟକ ଓ ଅଶୋକ ରହିତାଙ୍କୁ ବ୍ରୋଞ୍ଜ ପଦକ ମିଳିଛି । ଏହି ସନ୍ତରଣକାରୀମାନଙ୍କୁ କିଟ୍, କିସ୍ ଓ କିମସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

କଲେଜ ଅଧ୍ୟାପକ-କର୍ମଚାରୀଙ୍କୁ ଅନୁଦାନ ଦାବି ଜୋର୍‌ଦାର

କେନ୍ଦ୍ରାପଡ଼ା,୨୦।୭(ନିପ୍ର): ରାଜ୍ୟରେ ୨୦୦୮ରୁ ୨୦୧୮ ମଧ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଦାବି ଜୋରଦାର ହୋଇଛି। ଏହି ଦାବିକୁ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ରାଜ୍ୟ ସରକାରଙ୍କୁ ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ସଂଘ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି ଯେ, ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସରକାରୀ ଅନୁଦାନରୁ ବଞ୍ଚିତ ହୋଇ ଆସୁଛନ୍ତି। ସରକାର ଅନ୍ୟାନ୍ୟ ବର୍ଗର କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ଘୋଷଣା କରୁଥିବା ବେଳେ ଏହି ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ହଜାର ହଜାର ପରିବାର ଆର୍ଥିକ ଓ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଶିକ୍ଷକଙ୍କ ମନୋବଳ ବୃଦ୍ଧି ପାଇଁ ୨୦୦୮–୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଶୀଘ୍ର ଅନୁଦାନ ପ୍ରଦାନ କରାଯିବା ଆବଶ୍ୟକ। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ସତର୍କ କରାଯାଇଛି।

୨୭ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୭: ଆଗାମୀ ଜୁଲାଇ ୨୭ତାରିଖ, ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳୀ ଘଟିକା ସମୟରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୨ ତାରିଖଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିପିପିଏସ୍://ଜନଶୁଣାଣି.ଓଡିଶା.ଜିଓଭି.ଇନ୍) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ଫୁଟବଲର ନୂଆ 'କିଙ୍ଗ' ପାଲଟିଲା ସ୍ପେନ

ନ୍ୟୁୟର୍କ,୨୦।୭: ୟୁରୋ କପ୍ ଟାଇଟଲ ବିଜେତା ସ୍ପେନ୍ ୨୦୨୬ ଫିଫା ବିଶ୍ୱକପ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ମେଗା ଫାଇନାଲରେ ଏହି ଦଳ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନାକୁ ୧-୦ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ଅତିରିକ୍ତ ସମୟ ଅର୍ଥାତ୍ ୧୦୬ତମ ମିନିଟରେ ସ୍ପେନ୍‌ର ଫେରାନ ଟୋରେସ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଫ୍ରାନ୍ସକୁ ୬-୪ ଗୋଲରେ ହରାଇ ଇଂଲଣ୍ଡ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଫାଇନାଲର ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟ ଖେଳରେ ଆର୍ଜେଣ୍ଟିନା ଉପରେ ଭାରି ପଡ଼ିଥିଲା ସ୍ପେନ୍। ସ୍ପେନ୍ ପକ୍ଷରୁ ଡଜନେରୁ ଊର୍ଦ୍ଧ୍ୱ ଶଟ୍ ଟାର୍ଗେଟରେ ଶୁଟ୍ ହୋଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଆର୍ଜେଣ୍ଟିନା ଗୋଟିଏ ବି ଶଟ୍ ଟାର୍ଗେଟରେ ମାରିପାରି ନ ଥିଲା। ବଲ୍ ଅଧିକାଂଶ ସମୟ ଆର୍ଜେଣ୍ଟିନା ହାଫ୍‌ରେ ରହିଥିଲା। ମାତ୍ର ଆର୍ଜେଣ୍ଟିନା ଗୋଲକିପର ଇମି ମାର୍ଟିନେଜ ଚମତ୍କାର ପ୍ରଦର୍ଶନ କରି ସ୍ପେନ୍‌ର ଏକାଧିକ ଉଦ୍ୟମକୁ ବିଫଳ କରିଥିଲେ। ବିଶ୍ୱକପ୍ ଫାଇନାଲ ଇତିହାସରେ ପ୍ରଥମଥର ପାଇଁ ୟୁରୋପିଆନ ଚାମ୍ପିୟନ ଓ ଦକ୍ଷିଣ ଆମେରିକୀୟ ଚାମ୍ପିୟନ ମୁହାଁମୁହିଁ ହୋଇଥିଲେ। ଉଭୟ ଦଳ ସେମିଫାଇନାଲ ପର୍ଯ୍ୟନ୍ତ ଅପରାଜେୟ ମଧ୍ୟ ରହିଥିଲେ। ମାତ୍ର ଫାଇନାଲରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ସ୍ପେନ୍ ଚାମ୍ପିୟନ ହୋଇଥିଲା। ଫାଉଲ ପାଇଁ ଆର୍ଜେଣ୍ଟିନାର ଜଣେ ଖେଳାଳି ରେଡ୍ ଏବଂ ୫ ଖେଳାଳି ୟେଲୋ କାର୍ଡ ପାଇଥିଲେ।

ବ୍ୟାପକ ଫସଲ କ୍ଷତି, ପରିବା ଦର ଆକାଶଛୁଆଁ

ଭୁବନେଶ୍ୱର,୨୦।୭: ଲଗାଣ ବର୍ଷା ପରେ ଏବେ ପରିବା ବଜାରରେ ନିଆଁ। ବର୍ଷା ଯୋଗୁଁ ପରିବା ଚାଷ ପ୍ରଭାବିତ ହୋଇଥିବାବେଳେ ଏବେ ବଜାରରେ କିଛି ପରିବାର ଦର ଆକାଶ ଛୁଆଁ ହୋଇଛି । ସେପଟେ ଶ୍ରାବଣ ମାସ ଆରମ୍ଭରୁ ଖାଉଟିଙ୍କୁ ପରିବା ଦର ଚିନ୍ତା । ଏଣେ ପକେଟ ଖାଲି ହେଇଯାଉଛି, ହେଲେ ବ୍ୟାଗ ଫୁଲ୍ ହେଉନି। ଯେଉଁ ପରିବାକୁ ହାତ ମାରିଲେ ସବୁ ୫୦ ଉପରେ । ଗୋଟିଏ ବ୍ୟାଗ ଫୁଲ୍ ପାଇଁ ଅତି କମ୍‌ରେ ୫୦୦ ଟଙ୍କା ଆବଶ୍ୟକ ପଡୁଛି । ଯାହାଫଳରେ ଖୁଚୁରା ବ୍ୟବସାୟୀ ୮୦ରୁ ୧୦୦ ଟଙ୍କା ଦରରେ ବିକ୍ରି କରୁଛନ୍ତି ପରିବା। ଭୁବନେଶ୍ୱର ୧ ନମ୍ବର୍ ମାର୍କେଟରେ ପରିବା କିଲୋ ପ୍ରତି ଦାମ୍ ଆଳୁ ୨୦ଟଙ୍କା, ପିଆଜ ୪୦, ରସୁଣ ୨୦୦, କାଙ୍କଣ ୭୦, ଗାଜର ୪୦, ବିଟ ୪୦, ବିନ୍ ୧୩୦, ବାଇଗଣ ୧୨୦, କାକୁଡି ୬୦, ଭଣ୍ଡା ୪୦, କଖାରୁ ୩୦, ପୋଟଳ ୫୦, ଟମାଟୋ ୪୦, କଲରା ୫୦ଟଙ୍କା ଓ ଜହ୍ନି ୪୦ ଟଙ୍କାରେ ବିକ୍ରି ହେଉଛି । ଶ୍ରାବଣ ମାସରେ ଅନେକ ଲୋକ କେବଳ ସାଧା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି। ମାତ୍ର ପରିବା ଦର ବୃଦ୍ଧି ସାଧରଣ ଲୋକଙ୍କ ହାଣ୍ଡିଶାଳ ଉପରେ ପ୍ରଭାବ ପକାଇଛି । ୧ ନମ୍ବର୍ ମାର୍କେଟରେ ଦରକୁ ନେଇ ଚିନ୍ତାରେ ଖାଉଟି। କାରଣ ଏହି ସ୍ଥାନରେ ସମସ୍ତ ପରିବା ଦର ଶସ୍ତା ରହିଥିବା ବିଶ୍ୱାସ ରହିଛି। ସେହିପରି ଛତ୍ରବଜାର ପରିବା ମଣ୍ଡିରେ ପରିବା ଦର ଆକାଶ ଛୁଆଁ ରହିଛି ।

ନନ୍ଦିଘୋଷ ରଥକାଠ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

ପୁରୀ,୨୦।୭(ନିପ୍ର): ନବଦିନାତ୍ମକ ରଥଯାତ୍ରାର ପଞ୍ଚମ ଦିବସରେ ସୋମବାର ରାତିରେ ତିଥି ଅନୁଯାୟୀ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଛି । ନନ୍ଦିଘୋଷ ରଥକାଠ ଭାଙ୍ଗିଛନ୍ତି କ୍ରୋଧ ଜର୍ଜରିତ ମା ଲକ୍ଷ୍ମୀ ।ମହାପ୍ରଭୁଙ୍କ ରଥଯାତ୍ରାରେ ମାନବୀୟଲୀଳା ଦେଖିବାକୁ ମିଳିଥାଏ । ଶ୍ରୀଜଗନ୍ନାଥ ଏତେ ବଡ଼ ଘୋଷଯାତ୍ରାରେ ବାହାରି ନିଜ ସ୍ତ୍ରୀ ମା ଲକ୍ଷ୍ମୀଙ୍କୁ ନ ନେଇ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦିକୁ ରଥଯାତ୍ରାରେ ଯାଇଛନ୍ତି । ଏହି ପ୍ରସଙ୍ଗକୁ ନେଇ ମା ଲକ୍ଷ୍ମୀ ରାଗରେ ଜର୍ଜରିତ ହୋଇ ମା ବିମଳାଙ୍କୁ ସମସ୍ତ ଘଟଣା ଜଣାଇଥିଲେ । ମା ବିମଳାଙ୍କ ପରାମର୍ଶ କ୍ରମେ ମା ଲକ୍ଷ୍ମୀ ମୋହତୁର୍ଣ୍ଣ ଧରି ହେରାପଂଚମୀରେ ସନ୍ଧ୍ୟା ଆଳତି ପରେ ବିମାନରେ ପଟୁଆରରେ ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦରକୁ ମହାଲକ୍ଷ୍ମୀ ଯିବାବେଳେ ମହାପ୍ରଭୁଙ୍କ ଠାରୁ ମୁଖତୁମ୍ବିତ ଅଧରମାଳ ମହାଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା । ଦର୍ଶନ ସମୟରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଫେରିବା ପାଇଁ ମା ଲକ୍ଷ୍ମୀ ମୋହତୁର୍ଣ୍ଣ ପକାଇଥିଲେ। ବାଟରେ ଦେଢଶୁର ଥିବାରୁ ମା ଲକ୍ଷ୍ମୀଙ୍କୁ ଚାଲିଯିବାକୁ କହି ଶ୍ରୀଜଗନ୍ନାଥଙ୍କ ଆଦେଶମତେ ମୁଖ୍ୟ ଦ୍ୱାର ବନ୍ଦ କରି ଦେଇଥିଲେ । ଏଥିରେ ଅପମାନିତ ହୋଇ ମା ଲକ୍ଷ୍ମୀ କ୍ରୋଧରେ ଜର୍ଜରିତ ହୋଇ ନନ୍ଦିଘୋଷ ରଥ ନିକଟକୁ ଆସି ରଥକାଠ ଭାଙ୍ଗି ବିଳମ୍ବିତ ରାତିରେ ହେରାଗୋହିରି ସାହିବାଟେ ଶ୍ରୀମନ୍ଦିରକୁ ଫେରିଥିଲେ ।

ପୌରପରିଷଦ କାର୍ଯ୍ୟାଳୟ : ତାଳଚେର

ନଂ- ୨୫୮/ /ତା- 7/07/2026 13001/1230/2627

ବିଜ୍ଞାପନ

ଏତଦ୍ୱାରା ତାଳଚେର ପୌରପରିଷଦ ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ, ପୌରପାଳିକା ତରଫରୁ ହାଟତୋଟା ପ୍ରକାମଣ୍ଡଳ ତାରିଣୀ ମନ୍ଦିର ନିକଟସ୍ଥ ତଳ ଓ ଉପର ମହଲା ୨ ଗୋଟି ଦୋକାନ ଘର ନିର୍ମାଣ କରାଯାଇଅଛି । ଉକ୍ତ ଦୋକାନ ଘର ଗୁଡିକ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା-୧୮.୦୭.୨୦୨୬ ରିଖ ଠାରୁ ତା-୨୪.୦୭.୨୦୨୬ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଟ.୨୦୦୦/- ଙ୍କା ମାତ୍ର ଦାଖଲ କରି ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ । ଫର୍ମ ଦାଖଲର ଶେଷ ତା-୨୭.୦୭.୨୦୨୬ ରିଖ ଦିବା ଘ.୧.୩୦ ମି. ମଧ୍ୟରେ ସ୍ଥିର କରାଯାଇଅଛି । ଅନ୍ୟ ସମସ୍ତ ନିୟମାବଳୀ ଆବେଦନ ଫର୍ମରେ ଦେଖିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13001/13077/1/26-27/0021

ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କଲେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ

ପୁରୀ,୨୦।୭(ନିପ୍ର): ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳେ ବୋଲି କଥିତ ଅଛି। ସେଥିପାଇଁ ସମସ୍ତେ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ମହାପ୍ରଭୁଙ୍କୁ ଦେଖିବାକୁ ଆକୁଳ ହୁଅନ୍ତି। ଏହି ବର୍ଷ ପ୍ରବଳ ଭିଡ ସତ୍ତ୍ୱେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କ ଆଡ଼ପ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ନିଜେ ତଦାରଖ କରି ପବିତ୍ର ହେରାପଞ୍ଚମୀରେ ସତୁରୀରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଓ ଚଳନ ଶକ୍ତିହୀନ ବରିଷ୍ଠ ନାଗରିକମାନଙ୍କୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ କରିବାର ବ୍ୟବସ୍ଥା କରିଛନ୍ତି। ସେହିପରି ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କୁ ଗୁଣ୍ଡିଚା ମନ୍ଦିରଠୁ ବ୍ଲକିଙ୍ଗ ପଏଣ୍ଟ ବଡଶଙ୍ଖ ପର୍ଯ୍ୟନ୍ତ ଯିବା ଆସିବାରେ ଅସୁବିଧା ହେଉଥିବା ଜାଣି ସେଥିପାଇଁ ତୁରନ୍ତ ଗାଡ଼ି ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଭିନ୍ନକ୍ଷମ ସଶକ